# Odisha Legislative Assembly

## ପ୍ରଥମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୧୦ ସେପ୍ଟେମ୍ବର ୨୦୨୪

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ଗୃହ ନିର୍ମାଣ ଓ ନଗର ଉନ୍ନୟନ ].

ମୋଟ ପ୍ରଶ୍ନର ସଂଖ୍ୟା - 215

----

### Status of the street lighting projects

4113 ସୋଫିଆ ଫିରଦୋସ୍ (ବାରବାଟୀ-କଟକ):

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-(a) What is the current status of the street lighting projects being undertaken by TPCODL in coordination with the Cuttack Municipal Corporation (CMC) within Barabati, Cuttack Constituency, including the extent of work completed and pending, (b) Does the government, in collaboration with CMC and TPCODL, plan to increase the number of street lights to enhance public safety in Barabati, Cuttack Constituency, and if so, what is the proposed timeline for the completion of these installations?

----

### ଜଙ୍ଗଲମାନଙ୍କରେ ସୌରଶକ୍ତି ମାଧ୍ୟମରେ ଆଲୋକୀକରଣ

4136 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-**ରାଜ୍ୟର ଜଙ୍ଗଲମାନଙ୍କରେ ସୌରଶକ୍ତି ମାଧ୍ୟମରେ ଆଲୋକୀକରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ଅଦ୍ୟାବଧି କେଉଁ କେଉଁ ଜଙ୍ଗଲରେଏହି କାର୍ଯ୍ୟ ସମ୍ପାଦନ ହୋଇଛି ଓ ଆଗାମୀ ଦିନରେ ଏହାକୁ ସମ୍ପ୍ରସାରଣ ପାଇଁ କି ପଦକ୍ଷେପ ନିଆଯାଉଅଛି** ?

----

## ନୂତନ ବସ୍ ଟରମିନାଲ ନିର୍ମାଣ

4160 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ରାଜ୍ୟରେ ଭୁବନେଶ୍ୱର ଓ କଟକ ସହରରେ ନିର୍ମାଣ କରାଯାଇଥିବା ନୂତନ ବସ୍ ଟରମିନାଲ ଭଳି Rourkela ସହରରେ ନୂତନ ବସ୍ ଟରମିନାଲ ନିର୍ମାଣ କରାଯିବାର ବ୍ୟବସ୍ଥା ଅଛି କି ; ଯଦି ହଁ ତେବେ ତାହା କେବେ ସୁଦ୍ଧା କରାଯିବା ନିମନ୍ତେ ଯୋଜନା କରାଯାଇଅଛି?

----

## ଚେକଡ୍ୟାମ ନିର୍ମାଣ

4190 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) କେନ୍ଦୁଝର ଜିଲ୍ଲାରୁ ପ୍ରବାହିତ ଗୁପ୍ତ ଗଙ୍ଗା ସ୍ୱରୁପିଣୀ ପୁଣ୍ୟତୋୟା ବୈତରଣୀ ନଦୀ ଶଯ୍ୟା ଶିଳ୍ପ ସଂସ୍ଥା ଓ ଖଣି ସଂସ୍ଥାରୁ ନିର୍ଗତ ଆବର୍ଜନା ସହିତ ବିଭିନ୍ନ ସହରରୁ ନିର୍ଗତ ଆବର୍ଜନାରେ ପୋତି ହେବା ସଂଗେ ସଂଗେ ଏହି ଆବର୍ଜନା ଯୋଗୁଁ ନିର୍ମାଣାଧିନ କାପୁର ଜଳସେଚନ ପ୍ରକଳ୍ପ ଶଯ୍ୟା ପୋକି ହେଉଥିବା ଓ ଜଳ ପ୍ରଦୂଷିତ ହୋଇଥିବା ପ୍ରତି ସରକାର ଅବଗତ ଅଛନ୍ତି କି; ଉତ୍ତର ହଁ ହେଲେ ଏଠାରୁ ବର୍ଜ୍ୟବସ୍ତୁ ଅପସାରଣ କରିବା ସହିତ ଏହାକୁ ପ୍ରଦୂଷଣମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଅଛି ; (ଖ) ପ୍ରାୟତଃ ଅକ୍ଟୋବର ଶେଷ ସମୟରୁ ଗୋନାସିକା ଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ବୈତରଣୀରେ ଜଳ ପ୍ରବାହ ହ୍ରାସ ପାଇ ଏହାର ଶଯ୍ୟା ଶୁଷ୍କ ହେଉଥିବ ପରିପ୍ରେକ୍ଷୀରେ ଏହାର ଶଯ୍ୟାରେ ଚେକ୍‌ଡ୍ୟାମ୍ ନିର୍ମାଣ କରି ପାଣି ଅଟକାଇ ଏହାର ଶଯ୍ୟାକୁ ବର୍ଷସାରା ଜଳ ପ୍ଲାବନ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି

4311 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ରାଜ୍ୟର କେଉଁ ଜିଲ୍ଲାର କେଉଁ ଖଣିରେ ଆଉଟସୋର୍ସିଂ ଓ ଠିକା ସଂସ୍ଥା ମାଧ୍ୟମରେ କେତେ ଶ୍ରମିକ ନିୟୋଜିତ ହୋଇଛନ୍ତି ତାହାର ତାଲିକା ଦର୍ଶାଇ ଏହି ଶ୍ରମିକମାନଙ୍କୁ ସର୍ବନିମ୍ନ ଧାର୍ଯ୍ୟ ମଜୁରୀ ପ୍ରଦାନ ସହ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ବୀମାଭୁକ୍ତ, ସ୍ୱାସ୍ଥ୍ୟବୀମାଭୁକ୍ତ ଓ କର୍ମଚାରୀ ରାଜ୍ୟବୀମାଭୁକ୍ତ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## ପ୍ରକଳ୍ପ ତାଲିକା

4318 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ନିର୍ବାଚନ ମଣ୍ଡଳୀରେ ଚାରୋଟି ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଜାରି ପ୍ରକଳ୍ପ ତାଲିକା ସହ ଖର୍ଚ୍ଚ ହୋଇଥିବା ଅନୁଦାନ ଏବଂ ଉକ୍ତ କାର୍ଯ୍ୟ କେଉଁ ସ୍ଥିତିରେ ଅଛି; ଗତ ଦଶ ବର୍ଷର ତାଲିକା ଦେବେ କି ?

----

## ପଞ୍ଜିକୃତ ଅଟୋଚାଳକଙ୍କ ସଂଖ୍ୟା

4334 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ସହ ରାଜ୍ୟର କେଉଁ ଜିଲ୍ଲାରେ କେତେ ଜଣ ପଞ୍ଜିକୃତ ଅଟୋଚାଳକ ଅଛନ୍ତି, ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯାଉଛି, ପ୍ରକାଶ କରି ଅଟୋଚାଳକ ମାନଙ୍କୁ ସାମାଜିକ, ନିରାପତ୍ତା ଯୋଜନାରେ ସାମିଲ୍ କରି ବୀମାଭୁକ୍ତ, ସ୍ୱାସ୍ଥ୍ୟବୀମାଭୁକ୍ତ ଓ କର୍ମଚାରୀ ରାଜ୍ୟବୀମାଭୁକ୍ତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## PSU ରେ ନିଯୁକ୍ତି

4474 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ଓଡିଶା ସରକାରଙ୍କ PSU ରେ ସମୁଦାୟ ନିଯୁକ୍ତି ସଂଖ୍ୟା କେତେ ଏବଂ କେତେ ଖାଲିପଡିଛି?

----

## ଶୁଦ୍ଧ ପାନୀୟଜଳ ଯୋଗାଣ

4804 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡମ୍ବା ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ଘରକୁ ଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ କେତେ ଦିନ ସମୟ ଲାଗିବ; ବର୍ତ୍ତମାନ ସୁଦ୍ଧା କେତେ ଘରକୁ ପାନୀୟ ଜଳ ଯୋଗାଣ ହୋଇପାରିନାହିଁ ବ୍ଲକୱାରୀ ତାର ତାଲିକା ପ୍ରଦାନ କରିବେ କି?

----

## ପକ୍କାଘର ଯୋଗାଣ

4805 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡମ୍ବା ଓ ନରସିଂହପୁର ବ୍ଲକର ମୋଟ କେତେ ପରିବାର ମଧ୍ୟରୁ କେତେ ପରିବାର ପକ୍କାଘର ନାହିଁ ତାହାର ପଞ୍ଚାୟତୱାରୀ ବିବରଣୀ ଦର୍ଶାଇ ପ୍ରତ୍ୟେକ ପରିବାରକୁ ପକ୍କାଘର ଯୋଗାଇ ଦେବାକୁ କି ପଦକ୍ଷେପ ନିଆଯାଉଅଛି?

----

## ରାସ୍ତା ମରାମତି

4806 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡମ୍ବା ନିର୍ବାଚନ ମଣ୍ଡଳୀର ବଡମ୍ବା ବ୍ଲକ ଏବଂ ନରସିଂହପୁର ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେଉଁ ଗ୍ରାମରେ କେତେ କିଲୋମିଟର ପଞ୍ଚାୟତ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା କଂକ୍ରିଟ, ପେବର ବ୍ଲକ ହୋଇଛି ; କେତେ କିଲୋମିଟର ଜରାଜୀର୍ଣ୍ଣ ମାଟି ରାସ୍ତା ଅଛି ଏବଂ ଏହାକୁ କଂକ୍ରିଟ୍ ବା ପେବର ବ୍ଲକ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ବାଘ ମୃତ୍ୟୁ

4807 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୦୦ ମସିହାରେ ରାଜ୍ୟର କେଉଁ କେଉଁ ଜଙ୍ଗଲରେ କେତେ ସଂଖ୍ୟକ ମହାବଳ ବାଘ ଥିଲେ ଓ ବର୍ତ୍ତମାନ କେଉଁ କେଉଁ ଜଙ୍ଗଲରେ କେତେ ସଂଖ୍ୟକ ମହାବଳ ବାଘ ଅଛନ୍ତି, ଗତ ୧୦ବର୍ଷ ମଧ୍ୟରେ ଅନ୍ୟ କେଉଁ ରାଜ୍ୟରୁ କେତେ ସଂଖ୍ୟକ ମହାବଳ ଓ ଅନ୍ୟାନ୍ୟ ବାଘଙ୍କୁ ଓଡିଶା ଜଙ୍ଗଲକୁ ଅଣାଯାଇଛି ଓ ଓଡିଶା ଜଙ୍ଗଲରୁ କେଉଁ କେଉଁ ବାଘଙ୍କୁ ଅନ୍ୟ କେଉଁସବୁ ଜଙ୍ଗଲକୁ ପଠାଯାଇଛି, ସେହିଭଳି ଗତ ୧୦ବର୍ଷ ମଧ୍ୟରେ କେଉଁ ଜଙ୍ଗଲ ଡିଭିଜନରେ କେତେ ସଂଖ୍ୟକ କେଉଁ ପ୍ରଜାତିର ବାଘ କିଭଳି ମୃତ୍ୟୁବରଣ କରିଛନ୍ତି ?

----

## ମାଗଣାରେ ସାଇକେଲ ଦେବାପାଇଁ ପଦକ୍ଷେପ

4808 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ମୋ ସାଇକେଲ ଯୋଜନା କେବେ ଆରମ୍ଭ ହୋଇଥିଲା ଏବଂ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ଦେଶରୁ କେତେ ସଂଖ୍ୟକ କେଉଁ ଶ୍ରେଣୀର ସାଇକେଲ କିଣା ଯାଇଥିଲା, ବର୍ତ୍ତମାନ ଏହିସବୁ ସାଇକେଲ ମଧ୍ୟରୁ କେତେ ସଂଖ୍ୟକ ସାଇକେଲ ଚଳନକ୍ଷମ ରହିଛି ଓ କେତେ ସଂଖ୍ୟକ ସାଇକେଲ ନଷ୍ଟ ହୋଇଛି, ରାସ୍ତାକଡରେ ଖରା ବର୍ଷରେ ଭାଙ୍ଗିରୁଜି ପଡିଥିବା ମୋ ସାଇକେଲଗୁଡିକ ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ, ତେବେ ଏଗୁଡିକୁ ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦେବାପାଇଁ କୌଣସି ଯୋଜନା କରିବେ କି ?

----

## ମୁକୁଳା ଡ୍ରେନଗୁଡିକୁ ଘୋଡାଇବା ପାଇଁ ପଦକ୍ଷେପ

4809 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ମହାନଗର ନିଗମ ଅଧିନରେ ବର୍ତ୍ତମାନ ସମୁଦାୟ କେତେ କି.ମି. ଡ୍ରେନ୍ କେଉଁ କେଉଁ ବିଭାଗ ଅଧିନରେ ରହିଛି ; କେତେ କି.ମି. ଡ୍ରେନ ମୁକୁଳା ପଡିଛି ; ଗତ ସାତ ବର୍ଷ ମଧ୍ୟରେ ମୁକୁଳା ଡ୍ରେନରେ ପଡି କେତେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି ଏବଂ ମୁକୁଳା ଡ୍ରେନଗୁଡିକୁ କଭର କରିବା ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଆମ ଓଡିଶା ଓ ନବୀନ ଓଡିଶା ଯୋଜନାରେ ବ୍ୟାପକ ଦୁର୍ନୀତି

4810 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୂର୍ବ ସରକାରର "ଆମ ଓଡିଶା ଓ ନବୀନ ଓଡିଶା" ଯୋଜନାରେ ପ୍ରତ୍ୟେକ ପଞ୍ଚାୟତ ଗୁଡିକୁ ନିର୍ବାଚନ ପୂର୍ବରୁ 50 ଲକ୍ଷ ଟଙ୍କା ଦିଆଯାଇଥିଲା କି ; ଏହାର କାର୍ଯ୍ୟାନ୍ୱୟନରେ ବ୍ୟାପକ ଦୁର୍ନୀତି ହୋଇଛି କି ; ଉତ୍ତର ଯଦି ହଁ ହୁଏ ତେବେ ସରକାର ଏହାର ବିଧିବଦ୍ଧ ତଦନ୍ତ କରିବେ କି?

----

## ରାସ୍ତା ନିର୍ମାଣ

4811 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ପୌରପାଳିକା ସଂଲଗ୍ନ ଅଙ୍ଗାରଗଡ଼ିଆ ମୌଜାର ୟୁନିଟ ୪ ଓ ୫ ଯଥା ଉଦୟନଗର ଓ ଶକ୍ତିନଗର ପୌର ସୀମା ଅଧୀନରେ ସଂଲଗ୍ନ କରିବା ପାଇଁ ତା ୧୯.୦୯.୨୦୧୫ ରେ ବାଲେଶ୍ୱର ଜିଲ୍ଲାପାଳଙ୍କ meeting of proceeding ରେ ଉଲ୍ଲେଖ କରାଯିବା ସହ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ W.P.(C)-PIL No. 5727 of 2018 ରେ ଉକ୍ତ ସ୍ଥାନକୁ ବାଲେଶ୍ୱର ପୌରପାଳିକାରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ହେଇଥିଲା କି, ଉକ୍ତ ସ୍ଥାନର ବର୍ତ୍ତମାନର ସ୍ଥିତାବସ୍ଥା କଣ, ସମ୍ପୃକ୍ତ ସ୍ଥାନରେ ୨୦୧୮ ମସିହାରେ CGF ରେ ଅଧାପନ୍ତରିଆ ହୋଇ ପଡିରହିଥି‌ିବା ରାସ୍ତାର ନିର୍ମାଣ ପାଇଁ ବିଭାଗ ନିଷ୍ପତ୍ତି ନେବା ସହ ଉକ୍ତ ଅଂଚଳରେ ଦୀର୍ଘ ଦିନର ସମସ୍ୟାକୁ ସମାଧାନ କରି ଏଠାରେ ରାସ୍ତା ଓ ଡ୍ରେନ ନିର୍ମାଣ କରିବା ଦିଗରେ ବିଭାଗ ପଦକ୍ଷେପ ଗ୍ରହଣ କରିବେ କି ?

----

## ଜବର ଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ

4812 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ପୌରପାଳିକା ଅଧୀନରେ ପୁରୁଣା ବାଲେଶ୍ୱର ରାସ୍ତାରେ ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱରେ ପରମିଟ ଘାଟର ନଦୀର ସଂଲଗ୍ନ ଜାଗାରେ ଅବୈଧ ନିର୍ମାଣ ଅବୈଧ କବଜା ରହିବାର ଅଭିଯୋଗ ହେଉଛି ତାହା ସତ୍ୟ କି, ଉକ୍ତ ଜବର ଦଖଲକୁ ପୌରପାଳିକା ଦ୍ୱାରା ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେବେ କି ଏବଂ ପୂର୍ବ ଭଳିଆ ସାଧାରଣ ଲୋକଙ୍କର ଉପଯୋଗ ପାଇଁ ନଦୀର ଘାଟକୁ ନବୀକରଣ କରାଯିବ କି ?

----

## ଗୃହ ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ

**4813 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ସରକାରଙ୍କ ଦ୍ୱାରା ପ୍ରସ୍ତାବିତ135.୭୫4 ଏକର ସରକାରୀ ଜମିକୁ ଗୃହ ନିର୍ମାଣ ପ୍ରକଳ୍ପ ନିମନ୍ତେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବା ନିମନ୍ତେ ଏକ କ୍ଷମତାଶାଳୀ କମିଟି ଦ୍ୱାରା ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ତା.1୫.02.2017 ରିଖରେ ରାଜ୍ୟ ସଚିବାଳୟ ଠାରେ ବୈଠକ ବସି ନିଷ୍ପତ୍ତି ନିଆଯାଇଥିଲା, ଅଦ୍ୟାବଧି ତାର ସ୍ଥିତି ଓ କାର୍ଯ୍ୟକାରୀତା ପାଇଁ କି କି ପଦକ୍ଷେପ ନିଆଯାଇଅଛି ; ଏହି ନିଷ୍ପତ୍ତିକୁ ତ୍ୱରାନ୍ୱିତ କରାଯାଇ କେବେ ସୁଦ୍ଧା ଗୃହ ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ?

----

## ଅନୁଦାନ ରାଶିର ସବିଶେଷ ତଥ୍ୟ

**4814 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ୫ ବର୍ଷରେ କେନ୍ଦ୍ର ସରକାରଙ୍କ Housing and Urban Affairs ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ କେଉଁ କେଉଁ ରାଜ୍ୟକୁ କେତେ ଅର୍ଥ ପ୍ରଦାନ କରାଯାଇଅଛି, ତାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି, ଏବଂ ପ୍ରଚଳିତ ଯୋଜନା ମାନଙ୍କରେ ଓଡ଼ିଶାକୁ ମିଳିଥିବା ଅନୁଦାନ ରାଶିର ସବିଶେଷ ତଥ୍ୟ ସହିତ କେଉଁ କେଉଁ ପୌରାଞ୍ଚଳରେ କେତେ କେତେ ଖର୍ଚ୍ଚ କରାଯାଇଅଛି ?

----

## ସର୍ବକ୍ଷମା ଯୋଜନା

**4815 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେବେ ସର୍ବକ୍ଷମା ଯୋଜନା ଲାଗୁ କରାଯାଇଥିଲା, ଏହି ଯୋଜନା ମାଧ୍ୟମରେ ରାଜ୍ୟରେ କେତେ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି, ରାଜ୍ୟ ସରକାର କେତେ ଟଙ୍କାର ରାଜସ୍ୱ ପାଇଛନ୍ତି, ରାଜ୍ୟରେ plan derivation କରିଥିବା ଗୃହ ଗୁଡିକର ସଂଖ୍ୟା କେତେ, ରାଜ୍ୟରେ ପୁଣି କେବେ ସର୍ବକ୍ଷମା ଯୋଜନା ଲାଗୁ କରାଯିବ ?

----

## Cleanliness work in Cuttack-Barabati constituency

4816 **Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-
:-

(a) There is increasing discontent among residents of Barabati-Cuttack regarding the lack of proper cleanliness services, including sweeping, bush cutting, and drain cleaning, Despite previous assurances, these services are still not being carried out effectively. What specific steps will the department take to improve these essential services; (b) Will the government consider assigning an audit team to regularly monitor and ensure that cleanliness, including sweeping, bush cutting, and drain cleaning, is being conducted properly and to the required standard in Barabati-Cuttack?

----

## Rehabilitation for Stray Animals

4817 **Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-
:-

(a) The number of reported incidents of injuries caused by stray animals, particularly street dogs, in Odisha over the past year; (b)The details of any new policy or program being developed or implemented to rehabilitate stray animals, especially dogs, in urban areas; The specific solutions being planned or currently under implementation to address the increasing menace of street dogs, including measures for: Population control, Vaccination and sterilization and Public safety ?

----

## ସମସ୍ତ ଗ୍ରାମକୁ ପାନୀୟ ଜଳଯୋଗାଣ

4818 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ କେତେ ଅର୍ଥର ଆବଶ୍ୟକତା ଥିଲାବେଳେ କେନ୍ଦ୍ର ନିକଟରେ ଏହି ପ୍ରକଳ୍ପ ପାଇଁ ଅର୍ଥ ଦାବି କରି ରାଜ୍ୟର ପାନୀୟ ଜଳ ସମସ୍ୟା ଦୂରୀଭୂତ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବେଆଇନ୍ ଆପାର୍ଟମେଣ୍ଟ ନିର୍ମାଣ

4819 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କଟକ, ଭୁବନେଶ୍ୱର ସହ କେଉଁ କେଉଁ ସହର ଓ ଗ୍ରାମାଞ୍ଚଳରେ କେତେଗୋଟି ଆପାର୍ଟମେଣ୍ଟ କେଉଁ କେଉଁ ସଂସ୍ଥା ଦ୍ୱାରା ପ୍ରତିଷ୍ଠା ହୋଇଛି, ତନ୍ମଧ୍ୟରୁ କେତେଗୋଟି ବେଆଇନ୍ ଆପାର୍ଟମେଣ୍ଟ ନିର୍ମାଣ ହୋଇଛି, ଏହା ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

## ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ

4820 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ-ଭୁବନେଶ୍ୱର ସହ ବିଭିନ୍ନ ସହର ଓ ଅଞ୍ଚଳରେ ଜଳନିଷ୍କାସନ ପଥ ଅବରୋଧ କରି ହୋଇଥିବା ନିର୍ମାଣକୁ ହଟାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ କରିଥିବା ନିର୍ଦ୍ଦେଶନାମାକୁ ଅନୁପାଳନ ପାଇଁ ଅଦ୍ୟାବଧି କି ପଦକ୍ଷେପ ନିଆଯାଇଛି, ଯଦି ଉତ୍ତର ନାଁ ହୁଏ, ଜଳ ନିଷ୍କାସନ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ ଜଳପଥ ଅବରୋଧ କରୁଥିବା ନିର୍ମାଣକୁ ତୁରନ୍ତ ହଟାଇବା ପାଇଁ ବ୍ୟବସ୍ଥା କରିବେ କି ?

----

## ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ

4821 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ମାନ ବହୁ ସଂଖ୍ୟାରେ ଖାଲି ପଡିଥିବା ହେତୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସତ୍ୟ କି, ଯଦି ହଁ, ତା'ର ଏକ ଜିଲ୍ଲାୱାରୀ ବ୍ଲକୱାରୀ ତାଲିକା ସହ ଖାଲିଥିବା ପଦବୀ ଗୁଡିକର ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ପୌରାଞ୍ଚଳ ଘୋଷଣା କରିବାକୁ ଜନସାଧାରଣଙ୍କ ଦାବି

4822 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ସମୁଦାୟ କେତେଗୋଟି ପୌରସଂସ୍ଥା ଯଥା, ପୌର ନିଗମ, ପୌରପାଳିକା ଓ ଅନୁସୂଚୀତ କ୍ଷେତ୍ର ପରିଷଦ ଅଛି ତା'ର ଏକ ଜିଲ୍ଲାୱାରୀ ତାଲିକା ଦେବେ କି , (ଖ) ରାଜ୍ୟର ଆଉ କେଉଁ ଅଞ୍ଚଳକୁ ପୌରାଞ୍ଚଳରେ ପରିଣତ କରିବାକୁ ଜନସାଧାରଣଙ୍କ ତରଫରୁ ଦାବି କରାଯାଉଛି ଓ ସେ ସଂକ୍ରାନ୍ତରେ ସରକାର କି ନିଷ୍ପତ୍ତି କରୁଛନ୍ତି ?

----

## ଖର୍ଚ୍ଚ ନହୋଇ ପଡିରହିଥିବା ଅର୍ଥ

4823 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର Block ଗୁଡିକର ଓ ଗ୍ରାମ ପଞ୍ଚାୟତ ଗୁଡିକ ପାଖରେ ଏବେ କେତେ ଅର୍ଥ କେଉଁ କେଉଁ ବାବଦରେ ରହିଛି ଏବଂ ତନ୍ମଧ୍ୟରୁ କେତେ ପରିମାଣ ଖର୍ଚ୍ଚ ନହୋଇପାରି ଅଧିକ ସମୟ ପଡିରହିଲାଣି ଓ ସେ ସବୁର ବିନିଯୋଗ ପାଇଁ କି ପଦକ୍ଷେପ ନିଆଯାଉଅଛି, ଉପଯୁକ୍ତ ସଂସ୍ଥା ଗୁଡିକ ପାଖରେ ଥିବା ସବୁ ଅର୍ଥର ଉପଯୋଗ ଚଳିତ ଆର୍ଥିକ ବର୍ଷରେ କରିବାକୁ ସରକାର ଭାବୁଛନ୍ତି କି, ଉତ୍ତର ହଁ ହୋଇଥିଲେ କେଉଁ କେଉଁ ବାବଦରେ ଏ ଅର୍ଥ ଖର୍ଚ୍ଚ ହେବ ?

----

## ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ

4824 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବାୟୁ ଓ ଜଳ ପ୍ରଦୂଷଣର ସ୍ଥିତି କଣ ରହିଛି ଓ କେଉଁ କେଉଁ କ୍ଷେତ୍ରରେ ବା ସ୍ଥାନରେ ଏହା ସମସ୍ୟା ବହୁଳ ହେଲାଣି ଏବଂ ପ୍ରତିକାର ଲାଗି କଣ କରାଯାଉଅଛି?

----

## ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ

4825 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଓ ପ୍ରାଚୀନ ସଂସ୍କୃତିର ସୁରକ୍ଷା ସାହିତ୍ୟ ଐତିହ୍ୟଗୁଡିକର ରୂପାନ୍ତରୀକରଣ ପାଇଁ ପ୍ରତି ପଂଚାୟତକୁ ଆମ ଓଡିଶା ନବୀନ ଓଡିଶା ନାମରେ 50 ଲକ୍ଷ ଟଙ୍କା ଦିଆଯାଇଥିଲାବେଳେ ସମୁଦାୟ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ ସେଥିରେ କି କି କାମ ସବୁ ହୋଇଛି , ସବୁ ପଇସା ଖର୍ଚ୍ଚ ହୋଇଛି ନା ଖର୍ଚ୍ଚ ନ ହୋଇ ପଂଚାୟତ ଓ ବ୍ଲକରେ ପଡିରହିଛି, ଏ ପଇସା କେଉଁ ବିଭାଗ ଦେଇଥିଲା, ବଜେଟରେ ବ୍ୟବସ୍ଥା ଥିଲା କି, କାହା ମାଧ୍ୟମରେ କାମ ହେଉଥିଲା କାମ ସରିବା ପରେ ବିଲ୍ କିଏ କରୁଥିଲା ଓ ପେମେଣ୍ଟ କିଏ ଦେଉଥିଲା, Work Order କିଏ ଦେଉଥିଲା, Tender ହେଉଥିଲା ନା ମନଇଚ୍ଛା କାହାକୁ କାମ ବଣ୍ଟନ ହେଉଥିଲା କହିବେ କି ?

----

## କାମର ଗ୍ୟାରେଣ୍ଟି ରଖିବା ପାଇଁ ପଦକ୍ଷେପ

4826 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବଡଚଣା ବ୍ଲକର କେଉଁ କେଉଁ ଗ୍ରାମ ପଂଚାୟତର କେଉଁ କେଉଁ ଗ୍ରାମ ଓ ପଡାଗ୍ରାମକୁ ପାଇପ ପାନୀୟ ଜଳ ଯୋଗାଣ ହୋଇନାହିଁ ପ୍ରକାଶ କରି ଏହି ଗ୍ରାମକୁ କେବେସୁଦ୍ଧା ପାଇପ ପାନୀୟ ଜଳ ଯୋଗାଣ ସଂପାଦନ କରାଯିବ ଏବଂ (ଖ) ବହୁ ଗ୍ରାମରେ ଜଳ ଲବଣାକ୍ତ ସହିତ ଲୌହ ଓ ଫ୍ଲୋରାଇଡଯୁକ୍ତ ହୋଇଥିବା ପ୍ରତି ସରକାର ସଚେତନ କି, ଉତ୍ତର ହଁ ହେଲେ ଏହାର ପ୍ରତିକାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପାଇପ ପାନୀୟ ଜଳ ଯୋଗାଣ

4827 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବଡଚଣା ବ୍ଲକର କେଉଁ କେଉଁ ଗ୍ରାମ ପଂଚାୟତର କେଉଁ କେଉଁ ଗ୍ରାମ ଓ ପଡାଗ୍ରାମକୁ ପାଇପ ପାନୀୟ ଜଳ ଯୋଗାଣ ହୋଇନାହିଁ ପ୍ରକାଶ କରି ଏହି ଗ୍ରାମକୁ କେବେସୁଦ୍ଧା ପାଇପ ପାନୀୟ ଜଳ ଯୋଗାଣ ସଂପାଦନ କରାଯିବ ଏବଂ (ଖ) ବହୁ ଗ୍ରାମରେ ଜଳ ଲବଣାକ୍ତ ସହିତ ଲୌହ ଓ ଫ୍ଲୋରାଇଡଯୁକ୍ତ ହୋଇଥିବା ପ୍ରତି ସରକାର ସଚେତନ କି, ଉତ୍ତର ହଁ ହେଲେ ଏହାର ପ୍ରତିକାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଜଳ ନିଷ୍କାସନ ପାଇଁ ପଦକ୍ଷେପ

4828 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ସହରରେ ଜଳ ନିଷ୍କାସନ ପଥ ଅବରୋଧ ପାଇଁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି ଦର୍ଶାଇ ଏହି ନିର୍ମାଣକୁ ହଟାଇ ଜଳ ନିଷ୍କାସନ ସୁଗମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଦଳୀୟ ଭିତ୍ତିରେ ନିର୍ବାଚନ ସମ୍ପାଦନ

4829 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଜିଲ୍ଲା ପରିଷଦ ଭଳି ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟ ନିର୍ବାଚନ ଦଳୀୟ ଭିତ୍ତିରେ ସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଗୁଣବତ୍ତା ପରୀକ୍ଷଣ

4830 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ବିଲଡରମାନଙ୍କୁ ପଞ୍ଜିକୃତ କରାଯାଇଛି ଓ ସେମାନେ ନିର୍ମାଣ କରୁଥିବା ଆପାର୍ଟମେଣ୍ଟ ଓ ବ୍ୟବସାୟିକ ବାସଗୃହ ପ୍ରକଳ୍ପ ଗୁଡ଼ିକର ଗୁଣବତ୍ତା ପରୀକ୍ଷଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଜରୁରୀକାଳୀନ ପ୍ରକଳ୍ପ କାର୍ଯ୍ୟ

4831 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖୋର୍ଦ୍ଧା ଜିଲ୍ଲାର କେଉଁ ବ୍ଲକରେ ବିଭିନ୍ନ ପ୍ରକଳ୍ପ ବାବଦ ଜମାରାଶିର କେତେ ସୁଧ ଅର୍ଥ ମହଜୁଦ୍ ଅଛି, ଏହି ଅର୍ଥରେ ବିଭିନ୍ନ ଜରୁରୀକାଳୀନ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବସ୍‌ଷ୍ଟାଣ୍ଡର ଆଧୁନିକୀକରଣ

4832 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଜଟଣୀ ପୌରପାଳିକା କାର୍ଯ୍ୟାଳୟ ଏକ ଜରାଜୀର୍ଷ ବିପଦ ଶଙ୍କୁଳ କୋଠାରେ ସମ୍ପାଦନ ହେଉଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହାକୁ ନବୀକରଣ, ସମ୍ପ୍ରସାରଣ ଓ ପୁନଃନିର୍ମାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ? ଏବଂ (ଖ) ଜଟଣୀ ସହରରେ ଥିବା ପୌର ବସ୍‌ଷ୍ଟାଣ୍ଡ ଆଧୁନିକ ଓ ସମ୍ପ୍ରସାରଣ ପାଇଁ କେତେ ଅର୍ଥ ବିନିମୟରେ କି କି କାର୍ଯ୍ୟ ସମ୍ପାଦନ କରାଯାଇଛି ଓ ସମ୍ପାଦନ କରିବାର ପ୍ରସ୍ତାବ ଅଛି ?

----

## ପୌର ପାଳିକାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବ୍ୟୟ ଅଟକଳ

4833 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାସୁଦେବପୁର ପୌର ପାଳିକାରେ ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ଉନ୍ନୟନ ମୂଳକ କାର୍ଯ୍ୟ କେତେ ଖର୍ଚ୍ଚ କଟକଳରେ କେଉଁ ଯାଗାରେ କେଉଁ Agency ଦ୍ୱାରା ଏବଂ କେଉଁ ଆଧାରରେ କରାଯାଇଅଛି ଏବଂ କାର୍ଯ୍ୟ ଗୁଡ଼ିକ ୱାଡ଼ ସଭା ଦ୍ୱାରା କରାଯାଇଅଛି କି; ଚଳିତ ଆର୍ଥିକ ବର୍ଷରେ କେଉଁ କେଉଁ କାର୍ଯ୍ୟ କେତେ ଖର୍ଚ୍ଚ ଅଟକଳରେ କରାଯିବାର ଅଛି ?

----

## ପ୍ରକଳ୍ପର ତଥ୍ୟ ପ୍ରଦାନ

4834 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାସୁଦେବପୁର ପୌର ପାଳିକାର ୱାର୍ଡ଼ ନଂ - ୧୨ ରେ MCC ଏବଂ MRF ପ୍ରକଳ୍ପରେ ନିର୍ମାଣ ହେଉଥିବା ଖାତା ନଂ- ୧୩୧୦ ଏବଂ ପ୍ଲଟ ନଂ- ୩୦୦୮ ନଦୀପଠାରେ କେଉଁ ଆଧାରରେ ଏବଂ କେଉଁ Agency ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯାଉଅଛି ଉକ୍ତ ନିର୍ମାଣ କାର୍ଯ୍ୟ କେଉଁ କେଉଁ ଯନ୍ତ୍ରୀ / କର୍ମଚାରୀ ତଦାରଖ କରୁଛନ୍ତି ଏବଂ ଏହାର ଖର୍ଚ୍ଚ ଅଟକଳ କେତେ ?

----

## ତଥ୍ୟ ଉପସ୍ଥାପନ

4835 **ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେଉଁ ଆଧାରରେ ତାମିଲନାଡୁ ସରକାରଙ୍କ TWAD and PHED ଏବଂ Delhi Jal Board ଦେଇଥିବା କାମକୁ WATCO କୁ ମିଳିଥିବା Ecomatrix Consulting Pvt. Ltd. କୁ Sub-led କରାଯାଇଛି ?

----

## ଅର୍ଥ ରାଶି ବ୍ୟୟ

4836 **ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୦୯ ମସିହାଠାରୁ କେନ୍ଦ୍ରସରକାରଙ୍କ ଜଳଜୀବନ ମିଶନ ଓ ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ କେତୋଟି Mega Water Pipe Water Supply Schemes, Single Village Scheme, Multi village Schemes ସମ୍ପୂର୍ଣ୍ଣ ସରିଛି, କେତୋଟି ସମ୍ପୂର୍ଣ୍ଣ ହୋଇନାହିଁ, କେତୋଟି ଆରମ୍ଭ ହୋଇନାହିଁ, ଏବଂ କାହିଁକି ଆରମ୍ଭ ହୋଇନାହିଁ, କେଉଁ କେଉଁ ସଂସ୍ଥାକୁ Mega Water Supply Schemes କାର୍ଯ୍ୟାଦେଶ ଦିଆଯାଇଛି ଏବଂ ଏଥିପାଇଁ କେତେ ଅର୍ଥରାଶି ବ୍ୟୟ ବରାଦ ହୋଇଛି ?

----

## ରାସ୍ତା ରକ୍ଷଣା ବେକ୍ଷଣ

4837 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଡ଼ାବୁଗାଁ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ RD ରାସ୍ତା ଓ Building ଗୁଡ଼ିକର ରକ୍ଷଣା ବେକ୍ଷଣ, ଓ ମରାମତି ବାବଦକୁ ଗତ ୩ ବର୍ଷରେ କେତେ ଖର୍ଚ୍ଚ ହୋଇଛି ଓ ଆଉ କେତେ ଖର୍ଛ ହୋଇଛି ଓ ଆଉ କେତୋଟି ନୂତନ ବିଲଡ଼ିଂ ହେବାର ଅଛି ?

----

## ରାସ୍ତା ନିର୍ମାଣ

4838 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଡ଼ାବୁଗାଁ ନିର୍ବାଚନ ମଣ୍ଡଳୀରେ ସମସ୍ତ ପରିବାରକୁ ପିଇବା ପାଣି ଓ ସମସ୍ତ କଚ୍ଚା ଘରକୁ ଆବାସ ଯୋଜନାରେ ଘର ଦେବା ପାଇଁ, ସମସ୍ତ ଗ୍ରାମାଞ୍ଚଳ ଭିତର ରାସ୍ତାକୁ ମନରେଗା ଅର୍ଥରେ ରାସ୍ତା ନିର୍ମାଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ପ୍ରକଳ୍ପ କାର୍ଯ୍ୟକାରୀ

4839 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-

ବିଗତ ୨୦୧୮-୧୯ ଆର୍ଥିକ ବର୍ଷରେ ତତକାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଗାଁ ଆମ ବିକାଶ ଯୋଜନାରେ ମୋଟ କେତେ ଅନୁମୋଦିତ ହୋଇଥିଲା, ସେଥିପାଇଁ କେତେ ଅର୍ଥ ମଞ୍ଜୁର ହୋଇଥିଲା, ଉକ୍ତ ଅର୍ଥରୁ ଅଦ୍ୟାବଧି କେତେ unspend ଅଛି କେତୋଟି Project କାର୍ଯ୍ୟକାରୀ ହୋଇଛି, ଅବଶିଷ୍ଟ Project ଗୁଡ଼ିକ କାର୍ଯ୍ୟ ନହେବାର କାରଣ କଣ; ଏହାର ବ୍ଲକୱାରୀ ତଥ୍ୟ ଦେବା ସଙ୍ଗେ ସଙ୍ଗେ ବାକି ରହିଥିବା ପ୍ରକଳ୍ପ ଗୁଡ଼ିକୁ Divert କରି ଆବଶ୍ୟକ ସ୍ଥାନରେ କାର୍ଯ୍ୟକରିବା ପାଇଁ ପ୍ରସ୍ତାବ ରଖିବେ କି; ନିର୍ଦ୍ଦିଷ୍ଟ ଭାବରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ପଞ୍ଚାୟତୱାରୀ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇନାହିଁ କେବେସୁଦ୍ଧା ପ୍ରକଳ୍ପ ଗୁଡ଼ିକୁ କେଉଁ ନିୟମ ଆଧାରରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରାଇବେ ?

----

## ଅବଧି ଶେଷ ପରେ ମଧ୍ୟ ନିଜ post ରେ ରହିବା ସମ୍ପର୍କରେ

4840 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସିମୁଳିଆ ନିର୍ବାଚନ ମଣ୍ଡଳୀ ପରିସରରେ GPLF, BLFର President, Secretary ଏବଂ ଅନ୍ୟ EC Member ମାନଙ୍କର କାର୍ଯ୍ୟକାଳର ଅବଧି କେତେ ବର୍ଷ ଜଣାଇବେକି ; କେତେଗୋଟି GPLF, BLF ର President ଏବଂ Secretary ଓ ଅନ୍ୟ EC Memberମାନେ ନିଜ କାର୍ଯ୍ୟାଳୟ ଅବଧି ସତ୍ତ୍ୱେ କେଉଁ କାରଣରୁ ନିଜ Post ରେ ରହିଛନ୍ତି ?

----

## ସ୍ଥାୟୀ ନିଯୁକ୍ତି ପ୍ରଦାନ

4841 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ବାଲେଶ୍ୱର ଜିଲ୍ଲା ଅର୍ନ୍ତଗତ ଖଇରା ବ୍ଲକର ପାନୀୟଜଳ ଯୋଗାଇଦେବା ପାଇଁ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ପମ୍ପ ଡ୍ରାଇଭର ମାନଙ୍କର ଦରମା କେତେ, ଉକ୍ତ ଦରମା କେଉଁ ଜରିଆରେ ପାଇଥାନ୍ତି, ସେମାନଙ୍କର ପରିବାର ପୋଷଣ ପାଇଁ ସେମାନଙ୍କୁ ସରକାର ସ୍ଥାୟୀ ନିଯୁକ୍ତି କରିବେ କି?

----

## କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପଦକ୍ଷେପ

4842 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କେନ୍ଦୁଝର ଜିଲ୍ଲାର ଯୋଡ଼ା, ବଡ଼ବିଲ୍, ଆନନ୍ଦପୁର, କେନ୍ଦୁଝର ପୌରପାଳିକା ସହ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦରେ କେତେଗୋଟି କଲ୍ୟାଣ ମଣ୍ଡପ କେଉଁ କେଉଁ ୱାର୍ଡରେ ନିର୍ମାଣହୋଇଛି, କେତୋଟି ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ପ୍ରକାଶ କରି ପ୍ରତ୍ୟେକ ୱାର୍ଡରେ ସାମାଜିକ ଉତ୍ସବ ସମ୍ପାଦନ ନିମନ୍ତେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ

4843 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାର କେଉଁ କେଉଁ ଖଣିରେ ଶବ୍ଦ, ବାୟୁ ଓ ଜଳ ପ୍ରଦୂଷଣ ନିରାକରଣ ପାଇଁ କି କି ବ୍ୟବସ୍ଥା କରାଯାଇଛି ଓ କେଉଁଠାରେ କରାଯାଇନାହିଁ, ପ୍ରକାଶ କରି ଜିଲ୍ଲାରେ ଖଣି ଜନିତ ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## କଲ୍ୟାଣ ମଣ୍ଡପ ନିର୍ମାଣ

4844 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଣ୍ଡାରୀପୋଖରୀ ଓ ବନ୍ତ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି, ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ପ୍ରକାଶ କରି ପ୍ରତ୍ୟେକ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସରକାରୀ କାର୍ଯ୍ୟାଳୟ

4845 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଣ୍ଡାରୀପୋଖରୀ ଓ ବନ୍ତ ବ୍ଲକର କେଉଁ କେଉଁ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସମ୍ପର୍କରେ ସର୍ବେକ୍ଷଣ କରାଯାଇଛି, ଏହାର ମରାମତି ଓ ପୁନଃ ନିର୍ମାଣ ପାଇଁ କେତେ ଅର୍ଥର ଆବଶ୍ୟକତା ଥିଲାବେଳେ ଏହି କାର୍ଯ୍ୟ ସମ୍ପାଦନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଗରିବ ପରିବାରଙ୍କୁ ପକ୍କାଗୃହ ଯୋଗାଣ

4846 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାସଗୃହମାନଙ୍କୁ ଆବାସ ଯୋଗାଇଦେବାକୁ ପ୍ରଚଳିତ ନିୟମରେ Available listରେ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ପୂର୍ବରୁ ପ୍ରଦତ୍ତ ଅର୍ଥକୁ ସୀମା ଛାଡ଼ କରି ବର୍ଦ୍ଧିତ ପରିବାର ଆଧାରରେ ନୂତନ ଭାବେ ସର୍ବେକ୍ଷଣ କରି ଗରିବ ବାସହୀନ ପରିବାରମାନଙ୍କୁ ପକ୍କାଘର ଯୋଗାଇଦେବାକୁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ

4847 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାରେ ପରିବେଷ ପର୍ଯ୍ୟଟନ ଯୋଜନାରେ କେଉଁ କେଉଁ ଦର୍ଶନୀୟସ୍ଥାନକୁ ସାମିଲ କରାଯାଇ ତାହାର ବିକାଶ ପାଇଁ କି ପଦକ୍ଷେପ ନିଆଯାଇଛି ଓ କେଉଁ କେଉଁ ସ୍ଥାନକୁ ସାମିଲ କରିବାର ପ୍ରସ୍ତାବ ଅଛି ?

----

## ବାୟୁ ମଣ୍ଡଳରେ ଅମ୍ଳଜାନ ସ୍ତର ଠିକ ରଖିବା

4848 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମଣିଷ ଅପେକ୍ଷା ଗୃହପାଳିତ ପଶୁ, ବନ୍ୟ ଜୀବଜନ୍ତୁଙ୍କର ଅଧିକ ଅମ୍ଳଜାନ ଆବଶ୍ୟକ ହେଉଥିବା ସରକାରଙ୍କର କୌଣସି ସଠିକ ତଥ୍ୟ ଅଛି କି, ଉତ୍ତର ହଁ ହେଲେ ବାୟୁ ମଣ୍ଡଳରେ ଅମ୍ଳଜାନ ସ୍ତର ଠିକ ରଖିବା ପାଇଁ ସମାଜକୁ ସରକାରଙ୍କର କଣ ଦିଗର୍ଶନ ରହିବ ?

----

## ସହରକୁ ଆକର୍ଷଣ କରିବା ପାଇଁ ମାଷ୍ଟର ପ୍ଲାନ୍

4849 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ମ୍ୟୁନିସି ପାଲିଟି ରାଜ୍ୟର ଏକ ସୀମାନ୍ତ ସହରାଞ୍ଚଳ ହୋଇଥିବାରୁ ଏବଂ ଜାତୀୟ ରାଜପଥ ସଂଲଗ୍ନ ଦୃଷ୍ଟିରୁ ସହରଟିକୁ ଅଧିକ ଆକର୍ଷଣୀୟ କରିବାକୁ ନୂଆ ମାଷ୍ଟରପ୍ଲାନ୍ କରିବା ସକାଶେ ସରକାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବେ କି ତଥା ଏହି ଅନୁସାରେ ପାଣ୍ଠି ବ୍ୟବସ୍ଥା ହେବ କି ?

----

## CFC, SFC ଅନୁଦାନ ମଞ୍ଜୁର

4850 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- CFC, SFC ଅନୁଦାନ ମଞ୍ଜୁର ବେଳେ ରାଜ୍ୟର ଗ୍ରାମାଞ୍ଚଳ ବିକାଶ ନିମନ୍ତେ ସରକାର ବ୍ଲକକୁ (ପ୍ରତି ଗ୍ରାମ ପଞ୍ଚାୟତ) କେଉଁ ଦିଗପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି, ତାହା ଶତକଡା କେତେକାଂଶରେ ସଫଳ ହେଉଛି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର

4851 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେ ଲୋକ କି କି ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଛନ୍ତି ଓ ଜଙ୍ଗଲଜାତ ଦ୍ରବ୍ୟର processing କରି ମାର୍କେଟ ବ୍ୟବସ୍ଥା କରିବା ସହ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ରୋଜଗାର ଦେବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ପଞ୍ଚାୟତ ପ୍ରତିନିଧିମାନଙ୍କ ଭତ୍ତା ବୃଦ୍ଧି

4852 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆଦି ଦିନରେ ସରକାର ସରପଞ୍ଚ, ବ୍ଲକ୍ ଚେୟାରମ୍ୟାନ୍, ଜିଲ୍ଲାପରିଷଦ ଅଧ୍ୟକ୍ଷମାନଙ୍କୁ କି କି କ୍ଷମତା ପ୍ରଦାନ କରିଛନ୍ତି, ଏମାନଙ୍କୁ ନିଜ ନିଜ ଅଞ୍ଚଳରେ ସମସ୍ୟା ମୁକାବିଲା ପାଇଁ ହାତ ପାଣ୍ଠି ଦିଆଯାଇଛି କି, ଯଦି ହଁ, ତେବେ କାହାକୁ କେତେ ଦିଆଯାଇଛି, ଏମାନଙ୍କ ପଦ ପଦବୀ ସରିଗଲା ପରେ ଓ ଅନ୍ୟାନ୍ୟ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ପରେ ସରକାର ଏମାନଙ୍କ ପାଇଁ ପେନସନ୍ କି ଭତ୍ତା ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବେ କି, ସବୁ ପଞ୍ଚାୟତ ପ୍ରତିନିଧିମାନଙ୍କର ମାସିକ ଭତ୍ତା ବୃଦ୍ଧି ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## Rural Works P.H. ଦ୍ୱାରା ବିଭିନ୍ନ କାର୍ଯ୍ୟ

4853 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) Rural Works PH ଅଧୀନରେ ରାଜ୍ୟର ବିଗତ ୧୦ ବର୍ଷ ମଧ୍ୟରେ କେଉଁ ଜିଲ୍ଲାରେ କେତେ ଅର୍ଥ ବ୍ୟୟରେ କି କି କାର୍ଯ୍ୟ ହୋଇଅଛି, ତାହାର କି ଜିଲ୍ଲାୱାରୀ, ବର୍ଷୱାରୀ ପ୍ରକଳ୍ପଗୁଡିକର ସବିଶେଷ ବିବରଣୀ ଦେବାସହ, (ଖ) କଟକ ଜିଲ୍ଲାରେ ଏହି ସମୟ ମଧ୍ୟରେ ହୋଇଥିବା କାର୍ଯ୍ୟଗୁଡିକ ମଧ୍ୟରୁ ଅଦ୍ୟାବଧି କେଉଁଗୁଡିକ ସମ୍ପୂର୍ଣ୍ଣ ହୋଇନାହିଁ ଏବଂ କେଉଁ ଗୁଡିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ବିଭାଗକୁ ହସ୍ତାନ୍ତରିତ ହୋଇନାହିଁ ତାହାର ବ୍ଲକୱାରୀ, ପ୍ରକଳ୍ପୱାରୀ ତାଲିକା ଦେବାସହ ଯେଉଁ କାର୍ଯ୍ୟଗୁଡିକ ପୂର୍ଣ୍ଣାଙ୍ଗ ହେବାରେ ବିଳମ୍ବ ହେଉଅଛି ତାର କାରଣ କ'ଣ ଏବଂ ଏହା କେବେ ସଂପୂର୍ଣ୍ଣ ହେବ ?

----

## ପଞ୍ଚାୟତରେ ନୂତନ GRS ନିଯୁକ୍ତି

4854 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ ନିଯୁକ୍ତି ହୋଇଥିବା ଗ୍ରାମ ରୋଜଗାର ସେବକ (ଜିଆରଏସ୍ ) ମାନଙ୍କ ମଧ୍ୟରୁ କେଉଁମାନଙ୍କୁ ପଦୋନ୍ନତି ପାଇ ADEO ଭାବେ ନିଯୁକ୍ତି ଦିଆଯାଇଅଛି, ତାହାର ଜିଲ୍ଲାୱାରୀ, ବ୍ଲକୱାରୀ ତାଲିକା ଦେବାସହ ସେମାନଙ୍କୁ କେଉଁ ଅଧାରରେ ପଦୋନ୍ନତି ଦିଆଯାଇଅଛି, ସେମାନଙ୍କର ଶିକ୍ଷାଯୋଗ୍ୟତା ଓ ଅଭିଜ୍ଞତା କ'ଣ, ସେମାନଙ୍କର ଗ୍ରେଡ୍ ପେ କେତେ ରହିଅଛି ତାହା ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ଏବଂ ଯେଉଁ ଜିଆରଏସ୍ ମାନେ ପଦୋନ୍ନତି ନ ପାଇ ରହିଛନ୍ତି ତାହାର କାରଣ କ'ଣ ଜଣାଇବା ସହ, ଖାଲିଥିବା ପଞ୍ଚାୟତଗୁଡିକରେ ନୂତନ ଜିଆରଏସ୍ ନିଯୁକ୍ତି ପାଇଁ କେବେ ବିଜ୍ଞପ୍ତି ପ୍ରକାଶ ପାଇବ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି, (ଖ) କଟକ ଜିଲ୍ଲାର ବର୍ତ୍ତମାନ ଜିଆରଏସ ଓ ଏଡିଇଓ ମାନଙ୍କର ବ୍ଲକୱାରୀ ସ୍ଥିତି ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିବା ସହ ଖାଲିଥିବା ପଦବୀଗୁଡିକୁ ପୂରଣ ପାଇଁ କି ପଦକ୍ଷେପ ନିଆଯାଇଅଛି ଜାଣାଇବେ କି ?

----

## ଗୋଦାମ ଗୃହ ନିର୍ମାଣ

4855 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାର କେତେଗୋଟି ଗ୍ରାମ ପଞ୍ଚାୟତରେ ଗୋଦାମ ଗୃହ ନିର୍ମାଣ ହୋଇପାରିନାହିଁ, ଏହା ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଶ୍ମଶାନର ଉନ୍ନତିକରଣ

4856 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ ସହରରେ କେତେଗୋଟି ଶ୍ମଶାନ ଥିଲାବେଳେ ଏହାର ଉନ୍ନତିକରଣ ଓ ସମ୍ପ୍ରସାରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Progress of the AMRUT scheme in urban areas

4857 **Shri Sagar Charan Das (Bhawanipatna):**

Will the Minister for **Housing & Urban Development** be pleased to state that:- :- Could the government provide an update on the progress of the AMRUT scheme in urban areas of Western Odisha, specifically concerning the augmentation of water supply systems in districts like Sambalpur and

Balangir?

----

**Utilization of fund under CAMPA**

**4858** **Shri Sagar Charan Das (Bhawanipatna):**

Will the Minister for **Forest, Environment and Climate Change** be pleased to state that:-:- How have the compensatory Afforestation Found Management and planning authority (CAMPA) funds been utilized in western odisha, and what steps are being taken o ensure transparency and accountability in the use of these funds ?

----

**provided their sale deed**

**4859** **Shri Dasarathi Gomango (Mohana):**

Will the Minister for **Housing & Urban Development** be pleased to state that:-:- For registration of sale deed under BDA persons allotted plots vide No.K-4 / 957 (LIG) deposited their adequate processing fees vide cash memo No.M-512736, on dtd.05.10.2021, but what for yet they have not being provided their sale deed? How & when such beneficiaries will be benefited through concerned authorities of BDA, comply ?

----

**Provide land/home to poor families**

**4860** **Shri Rupesh Kumar Panigrahi (Paralakhemundi):**

Will the Minister for **Housing & Urban Development** be pleased to state that:-:- many lawless / homeless poor families are staying at Parlakhemundi Town, will the Government take steps to provide them with land/ home and when ?

----

**MGNREGS Act ର Guide line Violet କରିବା**

**4861** **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- MGNREGS Act ର Guide line Instruction ଇତ୍ୟାଦିକୁ Block ପ୍ରଶାସନ Violet କରି ନିଜସ୍ୱ ପଞ୍ଚାୟତ ସମିତି Meeting ରେ Resolution ମାଧ୍ୟମରେ ପରିବର୍ତ୍ତନ କରିବା କ୍ଷମତା ଅଛି କି, ଉତ୍ତର ଯଦି ନା ହୁଏ ତେବେ ଏଭଳି Resolution ବିଭିନ୍ନ Panchayat Samity ରେ କରାଯାଇ ଅର୍ଥ ତୋସାର ପାତ କରାଯାଉ ଅଛି କି ଉତ୍ତର ଯଦି ନା ହୁଏ ତେବେ ବଉଦ ବ୍ଲକରେ ଥିବା ତିନିଗୋଟି Block ର Last ଦୁଇଗୋଟି ବୈଠକର Resolution ତଥ୍ୟ ଉପସ୍ଥାପନ କରିବେ କି ?

----

### Violation of Principle

**4862 Shri Nalini Kanta Pradhan (Athamallik):**

Will the Minister for **Panchayati Raj & Drinking Water** be pleased to state that:-:- what are the guidelines to execute works under Ama Odisha Naveen Odisha, WODC, SFC, CFC, SC & ST funds? whether funds allotted to a particularly project amount to more than 10 lakhs can be executed Departmentally, if the answer is No, then what action has been taken to those Blocks who have violated the above principle ?

----

### ଦାଖଲ ଖାରଜ ପାଇଁ ପଦକ୍ଷେପ

**4863 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Raurkela ରେ ଥିବା ବାସନ୍ତି କଲୋନୀ ଏବଂ ଛେଣ୍ଡ Colony Phase-I ରେ ଥିବା ଜମିର ଦାଖଲ ଖାରଜ କରାଯାଇଛି କି ଯଦି ନାଁ ତେବେ ଏହା ନ ହେଲେ ଗୃହ ଆବଣ୍ଟନକାରୀ ମାନେ ବହୁବିଧ ଅସୁବିଧା ଭୋଗୁଥିବାରୁ ଉକ୍ତ ଜମି ଗୁଡିକ ସରକାରଙ୍କ ନାମରେ ଥିବାର ଦାଖଲ ଖାରଜ ହୋଇପାରୁ ନଥିବାରୁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

### ଦଲିଲ ସଂମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ

**4864 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା Rourkela ଠାରେ ନିର୍ମାଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର Lease ଦଲିଲ ସମ୍ପୂର୍ଣ୍ଣ କରାଯାଇଛି କି ଯଦି ନାଁ କେତୋଟି ପ୍ରକଳ୍ପର କେତେ ଜଣଙ୍କ Lease ଦଲିଲ ସମ୍ପୂର୍ଣ୍ଣ କରାଯାଇଛି ଏବଂ କେତେ ଜଣଙ୍କର ବାକି ଅଛି ବାକି ଥିବା ଦଲିଲ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## Drainage Water ନିଷ୍କାସନ

4865 **ଡା. ଫକୀର ମୋହନ ନାଏକ (ଡେଲକୋଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଯାଁଳଆ ଉତ୍ତର ମୁଣ୍ଡ ମହାଣ ପୁଅ ବୋହୁ ମନ୍ଦିର ମସ୍ମୁଖ ତଳ ଶ୍ରୀଶେଶ୍ୱର ନଗର କୁ ପ୍ଲଟ ନଂ ଖତିଆନ 384/2375, 6/2/6069/4174 ଯାଏଁ BDA ତରଫରୁ Town Planning କୁ ରେ ଅନ୍ତର୍ଭୁକ୍ତ କରିବା, Drainage Water ନିଷ୍କାସନ ସୁବିଧା ପ୍ରତିଘର ଦେଇ ଯିବା ଓ Street Light ର ସୁ ବ୍ୟବସ୍ଥା କରାଯିବା ନିମନ୍ତେ ସରକାର ପଦକ୍ଷେପ ନେବେ କି ?

----

## ଗ୍ରାମ୍ୟ ଉନ୍ନୟନ ରାସ୍ତା ହସ୍ତାନ୍ତର

4866 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗରୁ କେତୋଟି ରାସ୍ତା ପୂର୍ତ୍ତ ବିଭାଗକୁ ବିଗତ 3 ବର୍ଷ ଭିତରେ ହସ୍ତାନ୍ତର ହୋଇଛି ଓ ଏ ବର୍ଷ କେତେ ରାସ୍ତା ହସ୍ତାନ୍ତର ପାଇଁ ପ୍ରସ୍ତାବ ଅଛି ?

----

## ପଦୋନ୍ନତି ଦେବାର ବ୍ୟବସ୍ଥା

4867 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡିଶାରେ ବିଭିନ୍ନ ପୌର ପରିଷଦରେ ନିୟୋଜିତ ଥିବା Odisha Municipal Engineering Service (OMES) Cadre କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ Re-structure କରିବା ସତ୍ୟ କି, ଯଦି ସତ୍ୟ ଏଥିରେ କେଉଁ କେଉଁ ପଦବୀ କେତେ କେତେ ପରିମାଣର ନିର୍ଦ୍ଧାରଣ ହୋଇଅଛି ଏହାର ତଥ୍ୟ ପ୍ରଦାନ କରିବେ କି ; (ଖ) ପୌର ସଂସ୍ଥାଗୁଡ଼ିକରେ କେଉଁ ପଦବୀ କେତେ ପରିମାଣରେ କେଉଁ Municipality/ NACରେ କେତେ ପରିମାଣର ରହିବା ପାଇଁ ନିର୍ଦ୍ଧାରଣ କରାଯାଇଅଛି, ଏଗୁଡିକ ପୂରଣ ନିମନ୍ତେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଯନ୍ତ୍ରୀମାନେ ପଦୋନ୍ନତି ପାଇବା ପାଇଁ ସରକାର କିଛି ଯୋଜନା କରୁଛନ୍ତି କି, ସେମାନଙ୍କର ପଦୋନ୍ନତି ନିମନ୍ତେ ସରକାରଙ୍କ GA & PG ବିଭାଗ ଗ୍ରହଣ କରିଥିବା ପଦ୍ଧତିକୁ ଅନୁସରଣ କରି ପଦକ୍ଷେପ ନେବେ କି, ଏହାର ସମୟସୀମା ନିର୍ଦ୍ଧାରଣ କରି ପଦୋନ୍ନତି ଦେବାର ବ୍ୟବସ୍ଥା କରିବେ କି ?

----

## ବୋଟ ହାଉସକୁ ପୁନଃ ଚାଲୁ କରିବାକୁ ପଦକ୍ଷେପ

4868 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବରଗଡ ଜିଲ୍ଲା ଅନ୍ତର୍ଗତ ଦେବ୍ରିଗଡ ବନ୍ୟଜନ୍ତୁ ଅଭୟାରଣ୍ୟରେ ପୂର୍ବରୁ ପ୍ରଚଳନ ହେଉଥିବା ବୋଟ ହାଉସକୁ ପୁନଃ ଚାଲୁ କରିବା ସହିତ ଏହାକୁ ଅଧିକ ସୌନ୍ଦର୍ଯ୍ୟକରଣ କରିବା ଦିଗରେ ସରକାରଙ୍କ କି ଯୋଜନା ରହିଛି, ଏହାଦ୍ୱାରା ପର୍ଯ୍ୟଟନର ବିକାଶ ହେବା ସହିତ ସରକାରଙ୍କ ରାଜସ୍ୱ, ଅଞ୍ଚଳବାସୀଙ୍କ ରୋଜଗାର ଏବଂ ବେରୋଜଗାରୀଙ୍କୁ କର୍ମନିଯୁକ୍ତି ମିଳିବାର ସୁଯୋଗ ରହିଛି, ଏ ଦିଗରେ ସରକାରଙ୍କ କ'ଣ ଆଭିମୁଖ୍ୟ ରହିଛି ?

----

## GEO Tagg youth କର୍ମଚାରୀଙ୍କ ମାସୀକ ଦରମା ବୃଦ୍ଧି

**4869 ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ ବିଭାଗ ବିଜ୍ଞାପ୍ତି ସଂଖ୍ୟା-11927, ତା. 5.07.2017 ରିଖ ଅନୁଶାରେ ରାଜ୍ୟର ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ପାଖାପାଖି 7000 GEO Tagg youth କର୍ମଚାରୀ କାର୍ଯ୍ୟକରି ଆସୁଥିଲେ ମଧ୍ୟ ସେମାନଙ୍କୁ କୌଣସି ମାସିକ ଦେୟ ପ୍ରଦାନ କରାଯାଇ କେବଳ Tagg ପ୍ରତି 50 ଟଙ୍କା ପାରିଶ୍ରମିକ ଦିଆଯାଉଥିବା ସରକାର ଅବଗତ ଅଛନ୍ତି କି ତେବେ ସେମାନଙ୍କୁ Mobility Sopport ଦିଆଯାଇ ମାସିକ ଦରମା କରିବା ନିମନ୍ତେ ସରକାର ବିଚାର କରିବେ କି, (ଖ)ରାଜ୍ୟର ପ୍ରତି ପଞ୍ଚାୟତରେ କାର୍ଯ୍ୟକରୁଥିବା ପାଖାପାଖି 7000 GEO Tagg କର୍ମଚାରୀ ମାନଙ୍କୁ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବ ସମସ୍ତ ବିଭାଗର GEO Tagg ସେମାନଙ୍କୁ ପ୍ରଦାନ କରିବା ପାଇଁ ବିଚାରକରିବା ସଙ୍ଗେ ସଙ୍ଗେ ତାଙ୍କୁ Tagg officer ର ମାନ୍ୟତା ପ୍ରଦାନ କରି ପ୍ରଦାନ କରାଯାଉଥିବା 50 ଟଙ୍କାରୁ 500 ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ବିଚାର କରିବେ କି ?

----

## ଉଦଳା NAC ର ସୌନ୍ଦର୍ଯ୍ୟକରଣ

**4870 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉଦଳା NAC ର ସୌନ୍ଦର୍ଯ୍ୟକରଣ ନିମନ୍ତେ ଦୁଇ ପାର୍ଶ୍ୱରେ welcome gate ଦୁଇଟି ନିର୍ମାଣ କରିବେ କି, ଅର୍ଥ ମଞ୍ଜୁର କେତେ କରିବେ ?

----

## ସ୍ଥାୟୀ ନିଯୁକ୍ତି ପ୍ରଦାନ

**4871 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଚୁକ୍ତିଭିତ୍ତିକ ପ୍ରଥାର ଉଚ୍ଛେଦ ହୋଇଛି କି; ଯଦି ହୋଇଅଛି ତେବେ ରାଜ୍ୟରେ ମହାନଗର ନିଗମ, ପୌରପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୪ ବର୍ଷ ଧରି କାର୍ଯ୍ୟରତ ଥିବା ଗୋଷ୍ଠୀ ସଙ୍ଗଠିକା, MIS & CP ଏବଂ Accountant ମାନଙ୍କ କାର୍ଯ୍ୟକ୍ଷେତ୍ରରେ ସ୍ଥିତି କ'ଣ ରହିଛି ଜଣାଇବେ କି, ଉପରୋକ୍ତ କର୍ମଚାରୀ ମାନଙ୍କୁ କାହିଁକି ବର୍ତ୍ତମାନ ଯାଏଁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ ଏବଂ କେତେଦିନ ମଧ୍ୟରେ କରାଯିବ ତାହା କହିବେ କି ?

----

## ଶ୍ରମ ଅଧିକାରୀ ପଦବୀ ପୂରଣ

**4872 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତୋଟି ଜିଲ୍ଲା ଶ୍ରମ ଅଧିକାରୀ ପଦବୀ ଖାଲିଅଛି ଏବଂ ତାହା କେବେ ସୁଦ୍ଧା ପୂରଣ କରାଯିବା ନିମନ୍ତେ କି କି ପଦକ୍ଷେପ ନିଆଯାଇଅଛି?

----

## ସ୍ୱଚ୍ଛ ଓ ନିରପେକ୍ଷ ନିଲାମ

**4873 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ସମସ୍ତ ଶ୍ରମ କାର୍ଯ୍ୟାଳୟ ମାନଙ୍କରେ କେତୋଟି ନିର୍ଦ୍ଦିଷ୍ଟ ସଂସ୍ଥାକୁ ଦୀର୍ଘ ବର୍ଷ ଧରି ନବିକରଣ ମାଧ୍ୟମରେ ଶ୍ରମ ନିୟୋଜନ ସେବା ପ୍ରଦାନ କରୁଛନ୍ତି ତାହା ନିଲାମ ନିୟମଭୁକ୍ତ କି ; ଏପରି ନବିକରଣ ଦ୍ୱାରା ଶ୍ରମିକ ଶୋଷଣକୁ ପ୍ରାଧାନ୍ୟ ଦିଆଯାଉନାହିଁ କି ; ଏହା ଦ୍ୱାରା ସଂସ୍ଥା ମାନଙ୍କର ଏକଛତ୍ରବାଦୀ କାର୍ଯ୍ୟକଳାପକୁ ପ୍ରଶୟ ଦିଆଯାଉନାହିଁ କି ; ଅର୍ଥ ବିଭାଗର ନିୟମ ଅନୁଯାଇ ଆର୍ଥିକ ସ୍ୱଚ୍ଛତାକୁ ଲକ୍ଷ୍ୟରେ ରଖି ବାର୍ଷିକ ନିଲାମ ପ୍ରକ୍ରିୟା ବାଧ୍ୟ୍ୟତାମୂଳକ ନୁହେଁ କି ; ଯଦି ହଁ ତେବେ କେଉଁ ସ୍ୱାର୍ଥରେ ଉକ୍ତ ସଂସ୍ଥାମାନଙ୍କୁ ନବୀକରଣ କରାଯାଇଅଛି ତାହା ସରକାରଙ୍କର କେଉଁ ସ୍ୱାର୍ଥ ନିମନ୍ତେ ଉଦ୍ଦିଷ୍ଟ ଅଟେ ଜଣାଇବେ କି ; ପୁନର୍ବାର ନୂତନ ଭାବେ ସ୍ୱଚ୍ଛ ଓ ନିରପେକ୍ଷ ନିଲାମ କିମ୍ଵା ସୂଚିଭୁକ୍ତ କରାଯାଇ ସେବା ପ୍ରଦାନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରାଯାଇ ଚୟନ ନିମନ୍ତେ ବ୍ୟବସ୍ଥା କରାଯିବ କି?

----

## ପଞ୍ଜିକୃତ ବେସରକାରୀ ପ୍ରତିଷ୍ଠାନ

**4874 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ପଞ୍ଜିକୃତ ବେସରକାରୀ ପ୍ରତିଷ୍ଠାନ ମାନଙ୍କର ସଂଖ୍ୟା କେତେ ତାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; ସେଥିମଧ୍ୟରୁ କେତୋଟି ପ୍ରତିଷ୍ଠାନ ଚାଲୁଅଛି ଏବଂ କେତୋଟି ବନ୍ଦ ପଡିରହିଛି ତାର ଏକ ତାଲିକା ପ୍ରଦାନ କରିବେ କି ; ପ୍ରତିଷ୍ଠାନମାନଙ୍କୁ ବାର୍ଷିକ ନବିକରଣ କରାନଯିବା ଦ୍ୱାରା ସରକାର ବିଗତ ବର୍ଷମାନଙ୍କରେ କେତେ ରାଜସ୍ୱ କ୍ଷତି ଘଟାଇଛନ୍ତି ଜଣାଇବେ କି ; ପୁନର୍ବାର ବାର୍ଷିକ ନବିକରଣ ବ୍ୟବସ୍ଥା ଲାଗୁ କରାଯିବା ନିମନ୍ତେ ବ୍ୟବସ୍ଥା କରିବେ କି?

----

## ଶ୍ରମିକଙ୍କ ନାର୍ଯ୍ୟ ପ୍ରାପ୍ୟ ପ୍ରଦାନ

**4875 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନମାନେ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଅଛନ୍ତି କି ; ଯଦି ହଁ ସେ ସମସ୍ତର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; ମୁଖ୍ୟ କର୍ମ ନିଯୁକ୍ତି ଦାତା ଓ କର୍ମ ନିଯୁକ୍ତି ଦାତା ପ୍ରତିଷ୍ଠାନ ମାନଙ୍କରେ ନିୟୋଜିତ କରାଯାଇଥିବା ସମସ୍ତ ବର୍ଗର ଶ୍ରମିକ ମାନଙ୍କର ସଂଖ୍ୟା, ନାମ, ଠିକଣା ସହିତ ଆଧାର ସଂଯୋଗିକରଣ କରାଯିବାର ବ୍ୟବସ୍ଥା କରିବେ କି ; ତତ୍ ସହିତ ସରକାରୀ ପ୍ରତିଷ୍ଠାନ ମାନଙ୍କରେ ନିୟୋଜିତ ଶ୍ରମିକଙ୍କ ନାର୍ଯ୍ୟପ୍ରାପ୍ୟ ଓ ବୈଧାନିକ ପ୍ରାପ୍ୟ ଠିକ୍ ଭାବେ ଗ୍ରହଣ କରୁଛନ୍ତି?

----

## ବର୍ଯ୍ୟବସ୍ତୁ ପରିଚାଳନା

**4876 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ତାଙ୍କ ଅଧିକୃତ୍ତ ଅଞ୍ଚଳ ତଥା ରେଳବାଇ କର୍ତ୍ତୃପକ୍ଷ ରାଉରକେଲାରେ ଥିବା ରେଳବାଇ କଲୋନି ଅଞ୍ଚଳରେ ଉତ୍ପାଦିତ ବର୍ଯ୍ୟବସ୍ତୁ ପରିଚାଳନା ସହିତ ଅଞ୍ଚଳରେ ନିର୍ଗତ ନର୍ଦ୍ଦମା ଜଳକୁ ବିଶୋଧିତ କରିବା ନିମନ୍ତେ କି କି ପଦକ୍ଷେପ ନେଉଛନ୍ତି ; ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (State Pollution Board) ତରଫରୁ ଏହାର ତଦାରଖ କରି ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି?

----

## Deforestation in the Western Odisha

**4877 Shri Sagar Charan Das (Bhawanipatna):**

Will the Minister for **Forest, Environment and Climate Change** be pleased to state that:-:- What actions have been taken by the government to curb deforestation in the Western Odisha districts and what penalties have been imposed on violators in the last year?

----

## Shyama Prasad Mukherji Rurban Mission

**4878 Shri Sagar Charan Das (Bhawanipatna):**

Will the Minister for **Panchayati Raj & Drinking Water** be pleased to state that:-:- What has been the impact of rural development schemes like the Shyama Prasad Mukherji Rurban Mission in transforming rural clusters into

economically, socially, and physically sustainable spaces in Western Odisha?

----

### Performance of state-owned enterprises

4879 **Shri Sagar Charan Das (Bhawanipatna):**

Will the Minister for **Public Enterprises** be pleased to state that:-:- Could the government provide an update on the performance of state-owned enterprises operating in the KBK region, including their contribution to local employment and economic development?

----

### CSR initiatives of enterprises

4880 **Shri Sagar Charan Das (Bhawanipatna):**

Will the Minister for **Public Enterprises** be pleased to state that:-:- How have the CSR initiatives of state-owned enterprises been implemented in Western Odisha and the KBK region, and what impact have these initiatives had on the local communities?

----

### Expand the coverage of the ESI scheme

4881 **Shri Sagar Charan Das (Bhawanipatna):**

Will the Minister for **Labour & Employees' State Insurance** be pleased to state that:-:- What steps has the government taken to expand the coverage of the Employee State Insurance (ESI) scheme in the KBK region, and what challenges are being faced in its implementation?

----

### ପଞ୍ଚାୟତ ସମିତି ରାସ୍ତାର ତାଲିକା

4882 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକରେ କେତେ କେତେ ଦୀର୍ଘର ପଞ୍ଚାୟତ ସମିତି ରାସ୍ତାମାନ ଅଛି ତାର ଏକ ତାଲିକା ଦେବେ କି ; (ଖ) 2019-20 ରୁ 2023-24 ମଧ୍ୟରେ ଏହି ଦୁଇଟି ବ୍ଲକ ଅଧିନସ୍ଥ କେଉଁ କେଉଁ ପଞ୍ଚାୟତ ସମିତି ରାସ୍ତାଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ କେଉଁ କେଉଁ ସମିତି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି?

----

## କେନ୍ଦ୍ରାପଡାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

4883 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ବ୍ଲକରେ 2019-20 ଠାରୁ 2023-24 ମଧ୍ୟରେ କେଉଁ କେଉଁ ବର୍ଷରେ କେତେ କେତେ ସଂଖ୍ୟାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେଇଛନ୍ତି?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ

4884 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ ନିମନ୍ତେ ନିର୍ଦ୍ଧାରିତ ନିୟମାବଳୀର ବିବରଣୀ ଉପସ୍ଥାପିତ କରିବେ କି ; (ଖ) ରାଜ୍ୟରେ 2019-20 ରୁ 2023-24 ମଧ୍ୟରେ କେଉଁ କେଉଁ ବର୍ଷ କେତେ କେତେ ସଂଖ୍ୟାରେ PMAY ଯୋଜନାରେ ଘର ଯୋଗାଇ ଦିଆଯାଇଛି?

----

## ପାରିଶ୍ରମିକ ସମ୍ପର୍କରେ

4885 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ପଞ୍ଚାୟତ ପ୍ରତିନିଧି ଯଥା ସରପଞ୍ଚ, ୱାର୍ଡମେମ୍ବର, ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ମାନଙ୍କର କେତେ କେତେ ପରିମାଣରେ ପାରିଶ୍ରମିକ (Honorarium) ଦିଆଯାଉଛି କହିବେ କି ; (ଖ) ଏହି ପାରିଶ୍ରମିକ ବୃଦ୍ଧି ପାଇଁ ସରକାର ବିଚାର କରିବେ କି?

----

## ବାହାରେ ନିୟୋଜିତ ଶ୍ରମିକଙ୍କ ତାଲିକା

4886 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରୁ କେତେଜଣ ଶ୍ରମିକ ରାଜ୍ୟ ବାହାରେ ଓ ବିଦେଶରେ ନିୟୋଜିତ ହୋଇଛନ୍ତି, ତାଙ୍କର ତାଲିକା ଶ୍ରମ ବିଭାଗ ନିକଟରେ ଉପଲବ୍ଧ ଅଛିକି, ଉତ୍ତର ହଁ ହେଲେ ତାହାର ତାଲିକା ପ୍ରଦାନ କରିବେ କି ? ଯଦି ନାହିଁ ତାହାହେଲେ ତାଲିକା ପ୍ରଦାନ କରିବେ କି ?

----

## ଶିକ୍ଷାନୁଷ୍ଠାନରେ ବିଦ୍ୟୁତ୍ ଭିତ୍ତିଭୂମି ଉନ୍ନୟନ

4887 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ କଟକ ଜିଲ୍ଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟର ବିଦ୍ୟୁତ୍ ଭିତ୍ତିଭୂମି ଉନ୍ନୟନ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି, ?

----

## ନନ୍ଦନକାନନରେ ଥିବା ବନ୍ୟପ୍ରାଣୀଙ୍କ ତାଲିକା

4888 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନନ୍ଦନକାନନରେ କେଉଁ ପ୍ରଜାତିର କେତେ ବନ୍ୟପ୍ରାଣୀ ଅଛନ୍ତି, ତାହାର ତାଲିକା ପ୍ରଦାନ ସହ କେଉଁ ବନ୍ୟପ୍ରାଣୀକୁ ଆଣିବା ପାଇଁ ସରକାରଙ୍କ ଯୋଜନା ଅଛି ଅବଗତ କରିବେ କି ?

----

## ଆପାର୍ଟମେଣ୍ଟରେ ବର୍ଜ୍ୟବସ୍ତୁ ପରିଚାଳନା

4889 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଓ ଭୁବନେଶ୍ୱରରେ ସ୍ଥାପିତ କେଉଁ କେଉଁ ଆପାର୍ଟମେଣ୍ଟରେ ବର୍ଜ୍ୟବସ୍ତୁ ପରିଚାଳନା ଓ ଜଳ ନିଷ୍କାସନ, ଭିତ୍ତିଭୂମି ନାହିଁ, ତାହାର ତାଲିକା ଦର୍ଶାଇ ଏହା ଉପଲବ୍ଧ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପଦବୀ ପୂରଣ

4890 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶ୍ରମ ବିଭାଗ ଅଧୀନରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପୋଖରୀ ପୁନରୁଦ୍ଧାର ବାବଦରେ ହୋଇଥିବା ଖର୍ଚ୍ଚ

4891 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ଭଣ୍ଡାରୀପୋଖରୀ ଓ ବନ୍ତ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମ ପୋଖରୀ ପୁନରୁଦ୍ଧାର ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ?

----

## ପୋଖରୀର ଦଳ ନିଷ୍କାସନ

4892 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସହରାଞ୍ଚଳରେ ଥିବା ପୋଖରୀ ଗୁଡ଼ିକରୁ ଦଳ ସଫା ନକରିବା କାରଣରୁ ମଶା ବଂଶ ବୃଦ୍ଧିରେ ସହଯୋଗ ହେଉଥିବା କାରଣରୁ ପ୍ରତ୍ୟେକ ସହରରେ ଥିବା ପୋଖରୀରୁ ଦଳ ନିଷ୍କାସନ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭଦ୍ରକ ସହରରେ ପରିମଳ ବ୍ୟବସ୍ଥା ସମ୍ପାଦନ

4893 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ସହରରେ ପରିମଳ ବ୍ୟବସ୍ଥା ସମ୍ପାଦନ କରି ଜଳ ନିଷ୍କାସନ ସୁସଂହତ ସହ ଡେଙ୍ଗୁ ସଂକ୍ରମଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବଣଭୋଜି ସ୍ଥଳୀ ବିକଶିତ ପାଇଁ ପଦକ୍ଷେପ

4894 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର କେଉଁ ଗ୍ରାମ୍ୟ ଜଙ୍ଗଲ ଅଞ୍ଚଳରେ ବଣଭୋଜି ସ୍ଥଳୀ ବିକଶିତ କରିବାକୁ ବିଗତ ତିନି ବର୍ଷରେ କି ପଦକ୍ଷେପ ନିଆଯାଇଛି ?

----

## ପ୍ରତିମୂର୍ତ୍ତିସ୍ଥଳୀକୁ ପଞ୍ଚାୟତ ମାଧ୍ୟମରେ ସଫେଇ

4895 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିସ୍ଥଳୀକୁ ପଞ୍ଚାୟତ ମାଧ୍ୟମରେ ନିୟମିତ ସଫେଇ ସହ ପରିମଳ ବ୍ୟବସ୍ଥା ସମ୍ପାଦନ କରି ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି ଅର୍ପଣ ବ୍ୟବସ୍ଥା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## ଶ୍ରମିକଙ୍କ ପାଇଁ ହୋଇଥିବା ଖର୍ଚ୍ଚର ବିବରଣୀ

4896 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ବାହାରେ ଓ ବିଦେଶରେ ପରଲୋକ ଗମନ କରିଥିବା କେଉଁ ଶ୍ରମିକଙ୍କ ମରଶରୀର ତାଙ୍କ ଗ୍ରାମକୁ ଆଣି ଶେଷକୃତ୍ୟ ସମ୍ପାଦନ ବାବଦରେ ବିଗତ ତିନି ବର୍ଷରେ କେଉଁ ବ୍ୟକ୍ତିଙ୍କ ପାଇଁ କେତେ ଖର୍ଚ୍ଚ କରାଯାଇଛି ?

----

## ଯନ୍ତ୍ରୀ ନିୟୋଜନ ପ୍ରକ୍ରିୟାର ସ୍ଥିତି

4897 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପଞ୍ଚାୟତିରାଜ ବିଭାଗ ଅଧୀନରେ ଯାନ୍ତ୍ରିକ କ୍ୟାଡର ସୃଷ୍ଟି କରି ଯନ୍ତ୍ରୀ ନିୟୋଜନ ପ୍ରକ୍ରିୟାର ସ୍ଥିତି କ'ଣ, ଏହାକୁ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ମାର୍ଗଦର୍ଶିକାକୁ କାର୍ଯ୍ୟକାରୀ

4898 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପୌରସଂସ୍ଥା ନିମନ୍ତେ ନିର୍ବାହୀ ଅଧିକାରୀ ଯନ୍ତ୍ରୀ ଓ କର୍ମଚାରୀ ନିୟୋଜନ ପାଇଁ କୌଣସି ମାର୍ଗଦର୍ଶିକା ପ୍ରବର୍ତ୍ତନ କରାଯାଇଛି କି, ଉତ୍ତର ହଁ ହେଲେ ଏହାକୁ କାର୍ଯ୍ୟକାରୀ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## କ୍ଷେତ୍ର କର୍ମଚାରୀଙ୍କ ପଦବୀ ସଂଖ୍ୟା ବୃଦ୍ଧି

4899 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୦୦ ମସିହାରେ ରାଜ୍ୟରେ ଜଙ୍ଗଲ ବିଭାଗ ଅଧିନରେ ମଞ୍ଜୁରୀପ୍ରାପ୍ତ କେଉଁ କେଉଁ ବର୍ଗର କେତେଗୋଟି ଜଙ୍ଗଲ ଅଧିକାରୀ ଓ କର୍ମଚାରୀ ପଦବୀ ଥିଲାବେଳେ ବର୍ତ୍ତମାନ ଏହି ପଦବୀ ସଂଖ୍ୟା କେତେ ଅଛି, ପ୍ରକାଶ କରି ଜଙ୍ଗଲ ସୁରକ୍ଷାରେ ଥିବା କ୍ଷେତ୍ର କର୍ମଚାରୀଙ୍କ ପଦବୀ ସଂଖ୍ୟା ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଜଳାଶୟ ଖନନ ବାବଦରେ ହୋଇଥିବା ଖର୍ଚ୍ଚ

4900 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ବଲାଙ୍ଗୀର ଜିଲ୍ଲାରେ କେଉଁ ଜଙ୍ଗଲରେ ଜଳାଶୟ ଖନନ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି, ତାହାର ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବା ସହ କାମ୍ପ୍ ଫଣ୍ଡ ଯୋଜନାରେ କେତେ ବୃକ୍ଷ ରୋପଣ ହୋଇଛି ?

----

## ଅର୍ନ୍ତବିଭାଗୀୟ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା

4901 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ କେଉଁ କେଉଁଠାରେ କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟ ଥିଲାବେଳେ ସେଠାରେ କେତେଜଣ ଅର୍ନ୍ତବିଭାଗୀୟ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି ?

----

## ସରପଞ୍ଚଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ସମାଧାନ

4902 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେତେଜଣ ସରପଞ୍ଚଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସିଥିଲା ବେଳେ ତାହାର ତଦନ୍ତ ଓ ସମାଧାନ ପାଇଁ କିପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଚୋରାକାଠ ଚାଲାଣ ଘଟଣା

4903 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ରାଜ୍ୟର କେଉଁ ଜିଲ୍ଲାରେ କେତେଗୋଟି ଚୋରାକାଠ ଚାଲାଣ ଘଟଣା ଧରାଯାଇ ସେ ବାବଦରେ କି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ପୌରସଂସ୍ଥାରେ ଯନ୍ତ୍ରୀ ପଦବୀ ପୂରଣ

4904 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ପୌରସଂସ୍ଥାରେ ମଞ୍ଜୁରୀପ୍ରାପ୍ତ ଯନ୍ତ୍ରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଜରାଜୀର୍ଣ୍ଣ କ୍ୱାର୍ଟରର ପୁନଃ ନିର୍ମାଣ

4905 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାର କେଉଁ ବ୍ଲକ କଲୋନୀରେ କେତେଗୋଟି କ୍ୱାର୍ଟର ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ତାହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## P.M. Awas ପାଇନଥିବା ହିତାଧିକାରୀଙ୍କ ସଂଖ୍ୟା

4906 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲାରେ ଅଦ୍ୟାବଧି କେତେ ଜଣ ପରିବାର P.M. Awas ପାଇନାହାନ୍ତି, ଚିହ୍ନଟ ହୋଇନଥିବା ଉକ୍ତ ହିତାଧିକାରୀଙ୍କ ନାମ ବ୍ଲକୱାରୀ ପ୍ରଦାନ କରିବେ କି, P.M. Awas ପାଇନଥିବା ସମ୍ପୃକ୍ତ ହିତାଧିକାରୀଙ୍କୁ ଘର ଯୋଗାଇବେ ?

----

## ଅଧିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ

4907 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶିମିଳିପାଳ ପାଦ ଦେଶରେ ରହୁଥିବା ଅଧିବାସୀମାନଙ୍କୁ ଆବଶ୍ୟକ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ମୟୁରଭଞ୍ଜରେ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ

4908 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲାରେ ଅଦ୍ୟାବଧି କେତୋଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଦିଆଯାଇଛି, ଏହାର ଏକ ତାଲିକା ଗ୍ରାମ ନାମ, ଗ୍ରାମ ପଞ୍ଚାୟତ ଓ ବ୍ଲକୱାରୀ ପ୍ରଦାନ କରିବେ କି, ବାକିଥିବା ଗ୍ରାମକୁ ତୁରନ୍ତ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ପ୍ରକଳ୍ପର ତାଲିକା

4909 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଂଜ ଜିଲ୍ଲାରେ ବିଗତ 5 ବର୍ଷ ମଧ୍ୟରେ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ଏହାର ଏକ ତାଲିକା, ପ୍ରକଳ୍ପର ନାମ, ବ୍ଲକ ଓ ବର୍ଷୱାରୀ ପ୍ରଦାନ କରିବେକି?

----

## ନିଯୁକ୍ତି ପାଇଥିବା ଯୁବକ ଯୁବତୀଙ୍କ ତାଲିକା

4910 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଗ୍ରାମ ପଂଚାୟତର ଆୟ ବଢାଇବା ପାଇଁ ବ୍ୟବସ୍ଥା

4911 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ଗ୍ରାମ ପଂଚାୟତଗୁଡ଼ିକ ନିଜ ଆୟ ବଢ଼ାଇବା ପାଇଁ କି ବ୍ୟବସ୍ଥା କରାଯାଇଅଛି ଓ କେତୋଟି ଗ୍ରାମ ପଂଚାୟତ ଏଦିଗରେ ପଦକ୍ଷେପ ନେଇ ଗତ ଆର୍ଥିକ ବର୍ଷରେ କେତେ ଆୟ କରିଛନ୍ତି?

----

**24 ଘଣ୍ଟିଆ ପାଇପ ଜଳ ଯୋଗାଣ ବ୍ୟବସ୍ଥା**

4912 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ କେଉଁ ସହରରେ 24 ଘଣ୍ଟିଆ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଅଛି ଏବଂ ତନ୍ମଧ୍ୟରୁ କେଉଁ କେଉଁ ସହରରେ ସବୁ ଅଂଚଳକୁ ଏହା ଦିଆଗଲାଣି ଏବଂ ଯଦି ଏହା ହୋଇନଥାଏ କେବେସୁଦ୍ଧା ହେବ?

----

**କର୍ମକ୍ଷେତ୍ରରେ ମହିଳା ସଂପୃକ୍ତି ହାର**

4913 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କର୍ମକ୍ଷେତ୍ରରେ ମହିଳା ସଂପୃକ୍ତି ହାର କେତେ, ଓ ତାହା ବଢ଼ାଇବାକୁ କି ପଦକ୍ଷେପ ନିଆଯାଉଅଛି,ଏ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଜାତୀୟ ଓ ଅନ୍ୟ ରାଜ୍ୟ ତୁଳନାରେ କଣ?

----

**ଗ୍ରାମକୁ ପିଚୁ ରାସ୍ତା**

4914 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେ ଗ୍ରାମକୁ ଏ ଯାଏଁ ସବୁ ଦିନିଆ ପିଚୁ ରାସ୍ତା ହୋଇନାହିଁ ଓ ତାହା କେବେ ହେବ, ଏହାର ଜିଲ୍ଲାୱାରୀ ତଥ୍ୟ ଦେବେକି?

----

**ସହରୀ ବନ୍ୟା ପରିସ୍ଥିତିର ପ୍ରତିକାର**

4915 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ କେଉଁ ସହରାଞ୍ଚଳରେ ବର୍ଷା ଋତୁରେ ସହରୀ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି ଓ ଏହାର ପ୍ରତିକାର ପାଇଁ କଣ କରାଯାଉଅଛି?

----

**Specific steps in CMC to improve its response**

4916 **Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:-

:- (a) It has been observed that the Cuttack Municipal Corporation (CMC) is not responding promptly to complaints and queries on Twitter and other social media platforms, even when tagged directly, What specific steps is CMC taking to improve its response time and ensure that all complaints are handled in a timely manner, (b) What will be the standard time frame for responding to complaints on social media, and has an officer been dedicated to managing social media and online portal complaints, If so, by when will these improvements be fully implemented ?

----

**Operational status of Sewerage treatment plant**

**4917 Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:- :- (a) What is the current operational status of the sewerage treatment plant in Barabati-Cuttack, (b) How many households have been connected to the sewerage system, and how many are still pending connection, by what date does the government expect the sewerage treatment plant and its connections to be fully operational in Barabati-Cuttack ?

----

**Safety of migrant labours**

**4918 Sofia Firdous (Barabati-cuttack):**

Will the Minister for **Labour & Employees' State Insurance** be pleased to state that:-:- (a) what specific measures have been undertaken by the Government to ensure the safety of migrant labourers from Odisha working within India and in foreign countries, (b) In the event of an unfortunate death of an Odia migrant labourer within India, what is the process undertaken to return their mortal remains to their families in Odisha, what procedures are in place to repatriate the mortal remains of Odia migrant labourers who pass away while working in foreign countries ?

----

**Road expansion plans under CMC**

**4919 Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:- :- (a) The details of all road expansion plans under the Cuttack Municipal

Corporation (CMC) within the Barabati-Cuttack constituency, including the specific locations where such expansions are proposed or sanctioned, (b) The current status of each of these road expansion projects within the Barabati-Cuttack constituency, Whether a detailed map of the proposed road expansions in the Barabati-Cuttack constituency can be provided ?

----

**Current MoBus service**

**4920** **Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:- :- (a) Given that the current MoBus service is unable to cater to many areas in Cuttack due to narrow streets, what steps is the government planning to improve the MoBus service for better accessibility, (b) Is the government considering introducing alternative transportation solutions, such as smaller vehicles or shuttle services, specifically designed to navigate the narrow streets of Cuttack, If so, what is the proposed timeline for implementation ?

----

## ଦାଦନ ପରିବାରର ତଥ୍ୟ ପଞ୍ଜିକରଣ ପାଇଁ ପ୍ରସ୍ତାବ

**4921** **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ଦାଦନ ବ୍ୟବସ୍ଥା ବନ୍ଦ ପାଇଁ ପଦକ୍ଷେପ ନେଇ ପ୍ରତ୍ୟେକ ଗ୍ରାମରୁ ବାହାରକୁ କାମ କରିବାକୁ ଯାଇଥିବା ପରିବାରର ତଥ୍ୟ ଶ୍ରମ ବିଭାଗ ତରଫରୁ ପଞ୍ଜିକରଣ ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ପଦବୀ ପୂରଣ

**4922** **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ଜଙ୍ଗଲ ବିଭାଗ ଅଧିନରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବଲାଙ୍ଗୀର ଜିଲ୍ଲାରେ ପଦବୀ ପୂରଣ

**4923** **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବଲାଙ୍ଗୀର ଜିଲ୍ଲାରେ ନିର୍ବାହୀ ଅଧିକାରୀ ପଦବୀ ପୂରଣ

4924 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଯନ୍ତ୍ରୀ ପଦବୀ ପୂରଣ

4925 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ପୌରସଂସ୍ଥାରେ ନିର୍ବାହୀ ଅଧିକାରୀ ପଦବୀ ସହ କେଉଁ ବର୍ଗର କେତେ ଯନ୍ତ୍ରୀ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଦାଦନ ଶ୍ରମିକଙ୍କ ତଥ୍ୟ

4926 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦାଦନ ଶ୍ରମିକ Tracking(ଟ୍ରାକିଂ) ଯୋଜନା ପାଇଁ ସରକାର ବହୁ ଅର୍ଥ ଖର୍ଚ୍ଚ କରି ସୁଦ୍ଧା କାମ ଧନ୍ଦା ଅଭାବରୁ ଭିଟାମାଟି ଛାଡି ବାହାର ରାଜ୍ୟକୁ ଶ୍ରମିକମାନେ କାମ କରିବାକୁ ଯାଉଥିବା କଥା ସରକାର ଜାଣନ୍ତି କି, ଯଦି ହଁ ତେବେ ସେଥିପାଇଁ ସରକାର କଣ ବ୍ୟବସ୍ଥା କରୁଛନ୍ତି, ମନରେଗାରୁ ଆରମ୍ଭ କରି ସରକାରଙ୍କ ମାଳମାଳ ଯୋଜନା ସତ୍ତ୍ୱେ ଦାଦନ ସୁଅକୁ ରୋକାଯାଇପାରୁନଥିବାରୁ ସରକାରଙ୍କ ସବୁ ଯୋଜନା ଠିକ୍ ଢଙ୍ଗରେ ଚାଲୁନାହିଁ କି, କେଉଁ ଶ୍ରମିକ କେଉଁ ଜିଲ୍ଲାକୁ କେଉଁ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ତାହା ହିସାବ ସବୁ ପଂଚାୟତରେ ରଖିବା ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା

4927 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଯେଉଁ ଓଡ଼ିଆ ଶ୍ରମିକମାନେ ବିଭିନ୍ନ ଦଲାଲମାନଙ୍କ ମାଧ୍ୟମରେ କୌଣସି ନିର୍ଦ୍ଦିଷ୍ଟ କମ୍ପାନୀ ଅଧୀନରେ ନିର୍ଦ୍ଦିଷ୍ଟ କାମ ଓ ନିର୍ଦ୍ଦିଷ୍ଟ ମଜୁରୀ ଦେବା ପାଇଁ କହି ଗ୍ରାମାଞ୍ଚଳରୁ ଶ୍ରମିକମାନଙ୍କୁ ନେଇଯାଇ ଠିକଣା ସ୍ଥାନରେ ପହଞ୍ଚାଇଦେଲା ପରେ ଅଲଗା କମ୍ପାନୀ ଓ ଅଲଗା କାମରେ ନିୟୋଜିତ ଜବରଦସ୍ତ କରାଉଛନ୍ତି ଓ କାମ କରିବା ସମୟରେ ଅତ୍ୟାଚାର, ନିର୍ଯ୍ୟାତନା ଓ ମଜୁରୀ କମ ଦେବା ଭଳି ବହୁ ଖବର ସରକାର ଜାଣୁଥିଲେ ମଧ୍ୟ ଏହାକୁ ବନ୍ଦ କରି ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସର୍ବନିମ୍ନ ମଜୁରୀ ୨୫୦୦ ଟଙ୍କା କରିବେ,ଅଣ ସଂଗଠିତ କଲ୍ୟାଣ ବୋର୍ଡ଼କୁ ୧୦୦୦ କୋଟି ଆର୍ଥିକ ବ୍ୟବସ୍ଥା ଠିକ ନିଯୁକ୍ତି ବନ୍ଦ କରିବା, Skill ଓ Scheme Worker କୁ ସାମାଜିକ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେବେ କି ?

----

## ସୁଲଭ ମୂଲ୍ୟରେ ବାସଗୃହ

4928 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ Housing Board ତରଫରୁ କେତେ ଗୃହ କେଉଁ Typeରେ ଗୃହ କେଉଁ କେଉଁ ଅଞ୍ଚଳରେ ନିର୍ମାଣ ସରିଲାଣି ଓ ନିର୍ମାଣାଧୀନ ଅଛି ଉତ୍ତର ଦେବା ସହ ନିମ୍ନ ଆୟବର୍ଗର ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇବା ପାଇଁ Housing Board ତରଫରୁ କି ବ୍ୟବସ୍ଥା କରାଯାଉଛି; ସେହିଭଳି ନୂତନ ପାର୍କ, ନୂତନ ଜିମ କରିବା ପାଇଁ ବ୍ୟବସ୍ଥା କରିବେ କି; ସେହିଭଳି Conservation ଗଳି ଗୁଡ଼ିକରେ Pavor Block ପକାଇବା ଯୋଗୁଁ ବର୍ଷାଜଳ ମାଟି ତଳକୁ Recharge ହୋଇପାରୁ ନଥିବାରୁ ସରକାର ଏ ବିଷୟରେ ପଦକ୍ଷେପ ନେବେ କି ?

----

## ଲାଭ ଅର୍ଥର ବ୍ୟବହାର

4929 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲାଭ କରୁଥିବା ଉଦ୍ୟୋଗ ଗୁଡ଼ିକରୁ ଲାଭରୁ କିଛି ପ୍ରତିଶତ ଅର୍ଥ CSR Fund କୁ ଦେବାକୁ ନଚେତ କିଛି ପ୍ରତିଶତ ଅର୍ଥ ଜରାଶ୍ରମ ଓ ବୃଦ୍ଧାଶ୍ରମ ଅନାଥାଶ୍ରମରେ ଥିବା ଅନ୍ତେବାସିନୀଙ୍କ ଉନ୍ନତି ପାଇଁ ଖର୍ଚ୍ଚ କରିବା ପାଇଁ ସରକାର ବ୍ୟବସ୍ଥା କରିବେ କି; କ୍ଷତିରେ ଚାଲୁଥିବା ଉଦ୍ୟୋଗ ଗୁଡ଼ିକର ସୁରକ୍ଷା ପାଇଁ ବିଭିନ୍ନ ଶିଳ୍ପ ସଂସ୍ଥା ସହ ହେଉ ବା ଅନ୍ୟ ପୁଞ୍ଜିପତିଙ୍କ ସହ MOU କରିବେ କି ?

----

## ଶିକାରୀଙ୍କ ପ୍ରାଦୁର୍ଭାବ

4930 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଭୟାରଣ୍ୟ ମାନଙ୍କରେ ଶିକାରୀଙ୍କ ପ୍ରାଦୁର୍ଭାବ ବାରମ୍ବାର ଦେଖିବାକୁ ମିଳୁଛି, ବାଘ ଓ ହାତୀ ଶିକାର କରି ଶିକାରୀମାନେ ସେମାନଙ୍କ ବେପାର ଚାଲୁ ରଖିଛନ୍ତି, ସରକାର କଣ ପଦକ୍ଷେପ ନେଉଛନ୍ତି ଶିକାରୀକୁ ଧରିବା ପାଇଁ ; ଅଭୟାରଣ୍ୟ ମାନଙ୍କରେ କୋଚ ଓ ବଫର ଅଞ୍ଚଳରେ ଯେଉଁଠୁ କୌଣସି ଶବ୍ଦ ବାହାରକୁ ଶୁଭିବାର Chance ନାହିଁ ଶିକାରୀମାନେ ସେହି ଅଞ୍ଚଳରେ ଶିକାର କରୁଥିବାରୁ ସେଠାରେ ସରକାରTrap Camera ଲଗାଇ ଶିକାରୀକୁ ଧରିବା ପାଇଁ ପଦକ୍ଷେପ ନେବେ କି ?

----

## C.T.O. ଦିଆଯାଇଥିବା ଶିଳ୍ପର ତାଲିକା

4931 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗତ ୧୨.୫.୨୦୨୪ ପରେ କେତୋଟି ଶିଳ୍ପକୁ Cancer to operate ( C.T.O ) ଦିଆଯାଇଛି ତାହାର ତାଲିକା ପ୍ରଦାନ କରିବେ କି ; ଯେଉଁସବୁ Factory କୁ CTO ପ୍ରଦାନ କରାଯାଇଛି ତାହାର Bank Guarenty ଓ Personal Talenty ରେ ଅନିୟମିତତା ହୋଇଥିବା ଘଟଣା ସତ୍ୟ କି; ଏ ସବୁର ସରଜମିନ ତଦନ୍ତ କରିବେ କି ?

----

## ରଗଣ ଉଦ୍ୟୋଗ ପୁନରୁଦ୍ଧାର

4932 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ରଗଣ ସରକାରୀ ଉଦ୍ୟୋଗ ରହିଛି; ତାର ପୁନରୁଦ୍ଧାର ପାଇଁ ସରକାର କଣ ବ୍ୟବସ୍ଥା କରିଛନ୍ତି; ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ କେତୋଟି ଉଦ୍ୟୋଗ ବନ୍ଦ ପଡ଼ିଛି, ତାହା ସ୍ପଷ୍ଟ କରିବେ କି ?

----

## ସୃଷ୍ଟି ହୋଇଥିବା ଜଙ୍ଗଲ ସମ୍ପର୍କରେ

4933 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ଶିଳ୍ପ ଓ ଅନ୍ୟାନ୍ୟ କାରଣ ପାଇଁ କେତେ ଜଙ୍ଗଲ କ୍ଷୟ ହୋଇଛି; ସରକାରୀ ନିୟମ ଅନୁଯାୟୀ ତା ବଦଳରେ କେତେ ଜଙ୍ଗଲ ଅନ୍ୟତ୍ର ସୃଷ୍ଟି କରାଯାଇଛି ?

----

## ଭୂମିହୀନ ଲୋକଙ୍କ ସଂଖ୍ୟା

4934 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ସହରାଞ୍ଚଳରେ କେତେ ସଂଖ୍ୟକ ଭୂମିହୀନ ଲୋକ ବସବାସ କରୁଛନ୍ତି ଗତ ୧୦ ବର୍ଷ ମଧ୍ୟରେ ସରକାର କେତେ ଭୂମିହୀନଙ୍କୁ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେଇଛନ୍ତି ?

----

## ଶ୍ରୀ ଦୁର୍ଗା ପାୱାର ପ୍ଲାଣ୍ଟକୁ C.T.O. ଦିଆଯାଇ ଥିବା ସମ୍ପର୍କରେ

**4935 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଶ୍ରୀ ଦୁର୍ଗା ପାୱାର ପ୍ଲାଣ୍ଟ ରୁଗ୍ଣ ଅବସ୍ଥାରେ ଥିବା ସତ୍ୟ କି ଏହି ସଂସ୍ଥାକୁ C.T.O. ଦିଆଯାଇଛି କି ; ଏହି ସଂସ୍ଥାକୁ ତଦନ୍ତ ପରିସରଭୁକ୍ତ କରିବେ କି; ସମ୍ବଲପୁର କଲେଙ୍ଗ ଇଣ୍ଡୋନେସିଆର ଏରିଆ, ରାୟଗଡ଼ା କାଞ୍ଚିପୁର, ଦାମନଯୋଡ଼ି, ଝାରସୁଗୁଡ଼ା ଜିଲ୍ଲାର ସମ୍ବଲପୁର ୱାଟର ସପ୍ଲାଇ ୱାଟରର ମାନ ଯାଞ୍ଚ ପାଇଁ ତୃତୀୟ ପକ୍ଷ କେନ୍ଦ୍ରୀୟ ସଂସ୍ଥାକୁ ଦେବା ପାଇଁ ପଦକ୍ଷେପ ନେବେ କି ?

----

## ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ

**4936 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସରକାର ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରିଥିବା ପରିପ୍ରେକ୍ଷୀରେ କେଉଁ ବର୍ଗର ଶ୍ରମିକମାନଙ୍କ ପାଇଁ କେତେ ମଜୁରୀ ଧାର୍ଯ୍ୟ ହୋଇଛି ଏବଂ ଆଉଟ୍‌ସୋର୍ସିଂ ଏଜେନ୍ସି ମାଧ୍ୟମରେ ନିୟୋଜିତ ଶ୍ରମିକମାନଙ୍କୁ ସରକାରଙ୍କ ଧାର୍ଯ୍ୟ ନିୟମ ଆଧାରରେ ମଜୁରୀ ଓ ଆନୁସଙ୍ଗିକ ସୁବିଧା ପ୍ରଦାନ କରାଯାଉନଥିବା ଅଭିଯୋଗ ପରିପ୍ରେକ୍ଷୀରେ ଏହାକୁ ପାଳନ କରିବା ପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରିବେ କି ?

----

## ରାସ୍ତା ପୁନଃନିର୍ମାଣ

**4937 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନି ବର୍ଷରେ କେନ୍ଦୁଝର ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କେଉଁ କେଉଁ ଗ୍ରାମ ଉନ୍ନୟନ ରାସ୍ତାର କେତେ କିଲୋମିଟର ରାସ୍ତା ଜରାଜୀର୍ଣ୍ଣ ହୋଇଛି, ତାହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଇଛି ଓ କେତେ ରାସ୍ତା ଅଦ୍ୟାବଧି ପୁନଃ ନିର୍ମାଣ ହୋଇନାହିଁ ତାହା ସମ୍ପାଦନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଆମ ଗାଁ ଆମ ବିକାଶ ଯୋଜନାରେ କାର୍ଯ୍ୟ

**4938 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନି ବର୍ଷରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହ କେନ୍ଦୁଝର ଜିଲ୍ଲାରେ 'ଆମ ଗାଁ ଆମ ବିକାଶ' ଯୋଜନାରେ କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେତେ ଅର୍ଥ ବିନିମୟରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି ?

----

## ବନସୁରକ୍ଷା ସମିତି ଗଠନ

4939 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ କେଉଁ ବନଖଣ୍ଡ ଅଧିନସ୍ଥ କେଉଁ ଜଙ୍ଗଲ ରେଞ୍ଜରେ କେତେଗୋଟି ବନସୁରକ୍ଷା ସମିତି ଗଠନ କରାଯାଇଛି ଓ ଏହି ସମିତିକୁ ବିଗତ ପାଞ୍ଚ ବର୍ଷରେ କି କି ସହାୟତା ଯୋଗାଇ ଦିଆଯାଇଛି ?

----

## ଚମ୍ପୁଆରେ ବୃକ୍ଷରୋପଣ

4940 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହ କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମ୍ୟ ଜଙ୍ଗଲରେ ସାମାଜିକ ବନୀକରଣ ଯୋଜନାରେ ବିଗତ ତିନି ବର୍ଷରେ କେତେ ବୃକ୍ଷରୋପଣ ହୋଇଛି, ତାହାର ବିବରଣୀ ପ୍ରଦାନ କରିବା ସହ ପ୍ରତ୍ୟେକ ଗ୍ରାମ୍ୟ ଜଙ୍ଗଲକୁ ଜବରଦଖଲମୁକ୍ତ କରି ଏଠାରେ ବନୀକରଣ ସହ ସବୁଜିମା ସୃଷ୍ଟି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଅଳିଆ ନେବା ପାଇଁ ପଦକ୍ଷେପ

4941 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ୧୧ ନମ୍ବର ୱାର୍ଡ, G.L. Colony ର ଗୋଜବାୟାଣୀ ମନ୍ଦିର ନିକଟସ୍ଥ Private Plot ଗୁଡିକର ଘରୁ ଘରୁ ଅଳିଆ ନେଉଥିବା B.M.C. ଗାଡି ଠିକ୍ ସମୟରେ ଆସୁ ନଥିବାର କାରଣ କ'ଣ ଜଣାଇବେ କି, ଉକ୍ତ ସ୍ଥାନରେ ଅଳିଆ ନେବାର କେଉଁ ସମୟ ନିର୍ଦ୍ଧିଷ୍ଟ ଭାବେ ଜଣାଇବା ସହ କେଉଁ କେଉଁ କର୍ମଚାରୀ ଏହାର ତଦାରଖ ଦାୟିତ୍ୱରେ ଅଛନ୍ତି ଜଣାଇବା ସହ ସେମାନଙ୍କର ନାମ ଏବଂ Contact Number ପ୍ରଦାନ କରିବେ କି ?

----

## ଦରମା ପ୍ରଦାନ

4942 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଦୀର୍ଘ ଦୁଇ ଦଶର୍ନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ପଞ୍ଚାୟତ ସ୍ତରରେ ନିଯୁକ୍ତି ପାଇଁ କାର୍ଯ୍ୟକରି ଆସୁଥିବା (ନଳକୂପ ମରାମତି ମିସ୍ତ୍ରୀ ଓ ପମ୍ପ ଚାଳକ ) SEM ( Self Employed Mechnanic ) ମାନଙ୍କୁ ଓଡ଼ିଶା ସର୍ବସାଧାରଣ ସେବା ଅଧିକାର ଆଇନ Right to Public Service Act - ୨୦୧୨ ଆଧାର ଭିତ୍ତିରେ କେବେ Self Schemes ରେ ବ୍ୟୟସାଧନ କରାଯାଇ Govt Service Status ରେ ଦରମା ପ୍ରଦାନ କରାଯିବ ?

----

## ଖାଲି ପଦବୀ ପୂରଣ

4943 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାସୁଦେବପୁର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାଳୟରେ କେତେ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଏବଂ କେଉଁ Post Vacant ଅଛି ଜଣାଇବେ କି ; Vacant Post ଗୁଡ଼ିକ କେବେ ସୁଦ୍ଧା ପୁରଣ କରାଯିବ ?

----

## ପ୍ରକଳ୍ପ ତଥ୍ୟ ପ୍ରଦାନ

4944 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାସୁଦେବପୁର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ଉନ୍ନୟନମୂଳକ କାର୍ଯ୍ୟ କେତେ ଖର୍ଚ୍ଚ ବ୍ୟୟରେ, କେଉଁ ସ୍ଥାନରେ, କେଉଁ Agency ଦ୍ୱାରା ଏବଂ କେଉଁ ଆଧାରରେ କରାଯାଇଅଛି, ତାହାର ସମସ୍ତ ତଥ୍ୟ ପ୍ରଦାନ କରିବେ କି, ଚଳିତ ଆର୍ଥିକ ବର୍ଷରେ କେଉଁ କେଉଁ କାର୍ଯ୍ୟ କେତେ ଖର୍ଚ୍ଚ ଅଟକଳରେ କରାଯିବାର ଅଛି ?

----

## କର୍ମଚାରୀ ନିଯୁକ୍ତି

4945 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାସୁଦେବପୁର ପୌରପାଳିକାରେ କେତେ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ତନ୍ମଧ୍ୟରୁ କେତେ ଜଣ କର୍ମଚାରୀ outsourcingରେ ଅଛନ୍ତି ଏବଂ ସେମାନଙ୍କୁ କେଉଁ ଠିକା Agency ଦ୍ୱାରା ନିଯୁକ୍ତି କରାଯାଇଅଛି; ଉକ୍ତ ଠିକା Agency ଗୁଡ଼ିକର କାର୍ଯ୍ୟକାଳ ଅବଧି କେତେ ତାରିଖ ପର୍ଯ୍ୟନ୍ତ ଅଛି ?

----

## ବୃକ୍ଷ ରୋପଣ

4946 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସତ୍ୟବାଦୀ ଓ କଣାସ ବ୍ଲକର କେଉଁ ମୌଜାରେ କେତେ ପରିମାଣ ଗ୍ରାମ୍ୟ ଜଙ୍ଗଲ ଥିବା ବେଳେ ତନ୍ମଧ୍ୟରୁ କେତେ ସ୍ଥାନରେ ବୃକ୍ଷରୋପଣ ହୋଇଛି ଓ କେତେସ୍ଥାନ ଖାଲିଅଛି, ଚଳିତ ବର୍ଷ ଏଠାରେ ବୃକ୍ଷରୋପଣ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ପ୍ରବାସି ଶ୍ରମିକଙ୍କ ତାଲିକା

4947 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୁରୀ ଜିଲ୍ଲାରୁ କେଉଁ ବ୍ଲକ ଓ ପୌର ସଂସ୍ଥାର କେତେ ଜଣ ଶ୍ରମିକ କେଉଁ ରାଜ୍ୟ ଓ କେଉଁ ଦେଶରେ କର୍ମ ନିୟୋଜନ କରୁଛନ୍ତି ତାଙ୍କର ତାଲିକା ଶ୍ରମ ବିଭାଗ ନିକଟରେ ଉପଲବ୍ଧ ଅଛି କି; ଯଦି ଉତ୍ତର ନାଁ ହୁଏ ପ୍ରବାସରେ କର୍ମ ଅନ୍ୱେଷଣରେ ଯାଉଥିବା ଶ୍ରମିକମାନଙ୍କ ତାଲିକା ପ୍ରସ୍ତୁତ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ମୋ ବସ ଚଳାଚଳ

4948 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭୁବନେଶ୍ୱରରୁ କଣାସ ଓ ସତ୍ୟବାଦୀ ବ୍ଲକକୁ ମୋ ବସ ଚଳାଚଳ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ପରିବହନ ଶ୍ରମିକଙ୍କ କଲ୍ୟାଣ

4949 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ରାସ୍ତା ନିର୍ମାଣ

4950 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସତ୍ୟବାଦୀ ଓ କଣାସ ବ୍ଲକର କେଉଁ କେଉଁ କେତେ କିଲୋମିଟର ରାସ୍ତା ନିର୍ମାଣ ପ୍ରସ୍ତାବ ମଞ୍ଜୁର ହୋଇଥିବା ବେଳେ ଏହି ରାସ୍ତା ନିର୍ମାଣର ସ୍ଥିତି କଣ ଓ ଏହାକୁ କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ କରାଯିବ ?

----

## ଅନୁଦାନ ରାଶିର ତଥ୍ୟ ପ୍ରଦାନ

4951 **ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ୦୧.୦୧.୧୪୦ାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୱାଟକୋ, ସୁଡ଼ା, ମୁକ୍ତା, ଅମୃତ ଯୋଜନା, ସ୍ୱଚ୍ଛଭାରତ ମିଶନ, FSSM, Grey Water Management, DFT ଇତ୍ୟାଦିରେ କେତେ ଅର୍ଥ ରାଶି ଅନୁଦାନ କରାଯାଇଥିଲା ଏବଂ କେତେ ଅର୍ଥରାଶି ବ୍ୟୟ ହୋଇଛି ?

----

## IEC କାମର ବିବରଣୀ

4952 **ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୦୧.୦୧.୨୦୧୪ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ କେଉଁ ସଂସ୍ଥାକୁ Documentary Film, Hoarding and IEC କାମ କେଉଁ ଆଧାରରେ ଦିଆଯାଇଛି ?

----

## PMU ଏବଂ TSUର ବିବରଣୀ

**4953 ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ, ଜିଲ୍ଲା ଏବଂ ULB ସ୍ତରରେ କେତୋଟି PMU (ପ୍ରୋଜେକ୍ଟ ମାନେଜମ୍ୟାଣ୍ଟ ୟୁନିଟ) ଓ TSU (ଟେକନିକାଲ ସପୋର୍ଟ ୟୁନିଟ) କେଉଁ ସ୍କିମ ଓ ପ୍ରୋଗାମ ପାଇଁ କାମ କରୁଛନ୍ତି, ସରକାରଙ୍କ ରାଜକୋଷରୁ କେତେ ଅର୍ଥରାଶି ପ୍ରତିବର୍ଷ ଏହି ଅବସର ପ୍ରାପ୍ତ କର୍ମଚାରୀ ଏବଂ ଅନ୍ୟ କର୍ମଚାରୀଙ୍କୁ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଦିଆଯାଉଛି, ଏଥିରେ କେତେଜଣ ଓଡ଼ିଆ ଏବଂ ଅଣ ଓଡ଼ିଆ ବ୍ୟକ୍ତି କେଉଁ କେଉଁ ପଦପଦବୀରେ କାମ କରୁଛନ୍ତି, କେଉଁ ଆଧାରରେ କେଉଁ ସଂସ୍ଥା ମାନଙ୍କୁ PMU and TSU ଦିଆଯାଇଛି ?

----

## Grey water management ପାଇଁ ପଦକ୍ଷେପ

**4954 ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୧୯ ମସିହାଠାରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ ଗ୍ରାମାଞ୍ଚଳରେ Grey Water Management ପାଇଁ କି କି ପ୍ରକାର ପଦକ୍ଷେପ ନିଆଯାଉଛି ଏବଂ କେତେ ଅର୍ଥରାଶି ବ୍ୟୟ ବରାଦ କରାଯାଇଛି, ୨୦୧୯ ମସିହାଠାରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କି ପ୍ରକାର ପଦକ୍ଷେପ ନେଇଛନ୍ତି, ଏଥିପାଇଁ କେତେ ଅର୍ଥରାଶି ବ୍ୟୟ ବରାଦ ହୋଇଛି, ସର୍ବମୋଟ କେତୋଟି କଠିନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଗ୍ରାମାଞ୍ଚଳରେ ନିର୍ମାଣ ହୋଇଛି; କେତୋଟି କଠିନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଗ୍ରାମାଞ୍ଚଳରେ ନିର୍ମାଣ ହେବାକୁ ଅଛି; ଏଥି ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କେତେ ଅର୍ଥରାଶି ବ୍ୟୟ ବରାଦ କରିଛନ୍ତି ?

----

## ପାଇଖାନା ନିର୍ମାଣ

**4955 ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ୨୦୧୪ ମସିହାଠାରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ ସର୍ବମୋଟ କେତେ ଘରେ ପାଇଖାନା ନିର୍ମାଣ ହୋଇଛି, ୨୦୧୯ ମସିହାଠାରୁ ଆଜିସୁଦ୍ଧା ସର୍ବମୋଟ କେତୋଟି ପଞ୍ଚାୟତ ଏବଂ ଗ୍ରାମ ODF plus ଘୋଷଣା ହୋଇଛି ଏବଂ ଘୋଷଣା ହେବାକୁ ଅଛି, ୨୦୧୯ ମସିହାଠାରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ ସର୍ବମୋଟ କେତୋଟି ମଳଉପଚାର କେନ୍ଦ୍ର (FSTP) ଗ୍ରାମାଞ୍ଚଳରେ ନିର୍ମାଣ ହୋଇଛି ଏବଂ କେତୋଟି ଗ୍ରାମ ଏହାର ସୁଫଳ ପାଉଛନ୍ତି, କେତେଗୋଟି ମଳଉପଚାର କେନ୍ଦ୍ର (FSTP) ଗ୍ରାମାଞ୍ଚଳରେ ନିର୍ମାଣ ହେବାକୁ ଅଛି, ଏଥିପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କେତେ ଅର୍ଥରାଶି ବ୍ୟୟ ବରାଦ କରିଛନ୍ତି ?

----

## କାଞ୍ଜିଆ ହ୍ରଦରୁ ଦଳ କାଢ଼ି ମତ୍ସ୍ୟଚାଷ

4956 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନନ୍ଦନକାନନ ପରିସରରେ ଥିବା କାଞ୍ଜିଆହ୍ରଦରୁ ଦଳକାଢ଼ି ଏଠାରେ ମତ୍ସ୍ୟଚାଷ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ସହରୀ ଯୋଜନାର ରୂପରେଖ

4957 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭୁବନେଶ୍ୱର ଉନ୍ନୟନ ସଂସ୍ଥା ଅଧିନରେ ଭୁବନେଶ୍ୱର ମହାନଗର ନିଗମ, ଜଟଣୀ ଓ ଖୋର୍ଦ୍ଧା ପୌରପାଳିକା ସହ ଭୁବନେଶ୍ୱର, ଜଟଣୀ, ବାଲିଅନ୍ତା, ବାଲିପାଟଣା, ଖୋର୍ଦ୍ଧା, ବେଗୁନିଆ ବ୍ଲକର କେଉଁ କେଉଁ ଗ୍ରାମକୁ ସାମିଲ୍ କରାଯାଇଛି; ଏହାର ସହରୀ ଯୋଜନା ରୂପରେଖ ପ୍ରସ୍ତୁତ ହୋଇଛି କି; ଉତ୍ତର ହଁ ହେଲେ ତାହା ପ୍ରଦାନ କରିବେ କି ?

----

## ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକଙ୍କ ତାଲିକା

4958 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନିବର୍ଷରେ ଚନ୍ଦକା ଅଭୟାରଣ୍ୟକୁ କେତେଜଣ ପର୍ଯ୍ୟଟକ ପରିଭ୍ରମଣରେ ଆସିଛନ୍ତି?

----

## ରାସ୍ତା ହସ୍ତାନ୍ତର

4959 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନାବେଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ କେଉଁ କେଉଁ କାର୍ଯ୍ୟ କେବେ ହସ୍ତାନ୍ତର ହୋଇଛି ଓ ତାର ରକ୍ଷଣା ବେକ୍ଷଣା କେତେ ଥର ହୋଇଛି ଉକ୍ତ ରକ୍ଷଣା ବେକ୍ଷଣା କାହାଦ୍ୱାରା କରାଯାଇଛି ଓ ତାର ବର୍ତ୍ତମାନ ସ୍ଥିତି କଣ; ଏହାର ଏକ ତାଲିକା ପ୍ରଦାନ କରିବେ କି ?

----

## ବିକାଶ ମୂଳକ କାର୍ଯ୍ୟ ସମ୍ପାଦନ ପାଇଁ ସମନ୍ୱୟ ବୈଠକ

**4960 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ପୌର ପାଳିକାର ରେଳବାଇ ଅଧୀନରେ ଥିବା ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ସମ୍ପାଦନ ପାଇଁ ରେଳବାଇ ସହ ଏକ ସମନ୍ୱୟ ବୈଠକ କରି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବିଷମ କଟକରେ ମନରେଗା

**4961 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ ଗତ ୩ବର୍ଷ ଭିତରେ ମନରେଗା କାମ ପାଇଁ କେତେ ଟଙ୍କା କେଉଁ କେଉଁ ବ୍ଲକକୁ ଆସିଛି ଓ ସେହି ଅର୍ଥରେ କି କି କାମ କେଉଁ ବ୍ଲକରେ କେଉଁ କେଉଁ ସ୍ଥାନରେ ହୋଇଛି କେତେ job Card ଧାରି କେତେଦିନ କାମ କରି ମଜୁରୀ ପାଇଛନ୍ତି ଓ କେତେ କାମ machine ମାଧ୍ୟମରେ କରିଛନ୍ତି ତାର ସମ୍ପୂର୍ଣ ବିବରଣୀ ପ୍ରଦାନ କରିବେ କି ?

----

## ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଆସିଥିବା ଅର୍ଥ

**4962 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଏହି ୫ ବର୍ଷରେ କେତେ ଟଙ୍କା ଆସିଥିଲା ସେହି ଟଙ୍କା କେଉଁ କେଉଁ ପଞ୍ଚାୟତର କେଉଁ କେଉଁ ଗ୍ରାମରେ କେତେ ଖର୍ଚ୍ଚ ହୋଇଛି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ରାୟଗଡା ଜିଲ୍ଲାରେ ବନ ସୁରକ୍ଷା ସମିତି

**4963 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡା ଜିଲ୍ଲାର କେଉଁ ବନ ଖଣ୍ଡରେ କେତେଗୋଟି ବନ ସୁରକ୍ଷା ସମିତିର ଗଠନ ହୋଇଛି ଓ ଏହି ସମିତି ମାନଙ୍କୁ ବିଗତ ତିନି ବର୍ଷରେ କି କି ସହଯୋଗ ଯୋଗାଇ ଦିଆଯାଇଛି ?

----

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ

4964 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଷମ କଟକ ନିର୍ବାଚନ ମଣ୍ଡଳୀରେ ଚାରୋଟି ବ୍ଲକରେ ଥିବା ସମସ୍ତ କୂପ ନଳକୂପ ଗୁଡ଼ିକ ବର୍ଷା ଦିନେ ବିଶୋଧନ କରି ଜନ ସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେବେ କି ?

----

## ଶ୍ରମିକମାନଙ୍କୁ ଚିହ୍ନଟ ପାଇଁ ସର୍ଭେ

4965 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ ପାଇଁ ରାଜ୍ୟରେ ବିଗତ ଦଶ ବର୍ଷ ମଧ୍ୟରେ କେବେ କେବେ ସର୍ଭେ ହୋଇଥିଲା ଓ ଏହି ସର୍ଭେରେ କେତେ ସଂଖ୍ୟକ ଶିଶୁ ଶ୍ରମିକ କେଉଁ ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି ? ଶେଷ ଥର ପାଇଁ ରାଜ୍ୟ ସରକାର ଚିହ୍ନଟ ପାଇଁ କେବେ ସର୍ଭେ କରିଥିଲେ ? ଶିଶୁ ଶ୍ରମ ବିଲୋପ ପାଇଁ ରାଜ୍ୟ ସରକାର କେବେ ଷ୍ଟେଟ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଥିଲେ ଏବଂ ଏଥିରେ ଶେଷଥର ପାଇଁ କେବେ ସଂଶୋଧନ କରିଥିଲେ ?

----

## ଏକକ ପ୍ଲାଷ୍ଟିକ ଉପରେ ନିଷେଧାଦେଶ ଜାରି

4966 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର କେବେ ଏକକ ପ୍ଲାଷ୍ଟିକ ଉପରେ ନିଷେଧାଦେଶ ଜାରି କରିଥିଲେ ? ଏହି ନିଷେଧାଦେଶ ପରେ ରାଜ୍ୟର କେଉଁ କେଉଁ ଜିଲ୍ଲାରୁ ଚଢଉ କରାଯାଇ କେତେ ସଂଖ୍ୟକ ପ୍ଲାଷ୍ଟିକ ଜବତ ହୋଇଛି ଓ ଏଥିପାଇଁ କେତେ ପରିମାଣର ଜୋରିମାନା ଆଦାୟ ହୋଇଛି ? ସରକାରଙ୍କ କଟକଣା ସତ୍ତ୍ୱେ ପରିବେଶ ପ୍ରଦୂଷଣ କରୁଥିବା ନିମ୍ନମାନର ପ୍ଲାଷ୍ଟିକ ଓ ଥର୍ମକୁଲ୍ ଆଦି ବ୍ୟାପକମାତ୍ରାରେ କାରବାର ହେଉଥିବା ସରକାରଙ୍କ ନଜରକୁ ଆସିଛି କି ? ଯଦି ହଁ, ତେବେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି

4967 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ? ବର୍ତ୍ତମାନ ସୁଦ୍ଧା କେଉଁ ଜିଲ୍ଲାରେ କେତେ ସଂଖ୍ୟକ ପଞ୍ଚାୟତ ପ୍ରତିନିଧିଙ୍କ କେଉଁ ଉପାୟରେ ଦକ୍ଷତା ବୃଦ୍ଧି କରାଯାଇଛି ତାହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଷ୍ଟେଟ ଏନଭାର୍ଣ୍ଣନମେଣ୍ଟ ଆପ୍ରାଇଜାଲ କମିଟିର କାର୍ଯ୍ୟ

4968 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଥିବା ଷ୍ଟେଟ ଏନଭାର୍ଣ୍ଣନମେଣ୍ଟ ଆପ୍ରାଇଜାଲ କମିଟିର କାର୍ଯ୍ୟ କ'ଣ ? ଏହି କମିଟିରେ କେଉଁମାନେ ଅଧିକାରୀ, କର୍ମଚାରୀ ଓ ସଦସ୍ୟ ଭାବେ ରହିଛନ୍ତି ଏବଂ ସେମାନଙ୍କର ନିଯୁକ୍ତିର ନିୟମ କ'ଣ, କମିଟିରେ ଥିବା ଅଧିକାରୀ, କର୍ମଚାରୀ ଓ ସଦସ୍ୟମାନଙ୍କ ନାମ, ପଦବୀ ଓ କାର୍ଯ୍ୟ ଅବଧିର ତଥ୍ୟ ପ୍ରଦାନ କରିବେ କି ?

----

## ନଳକୂପ ମରାମତି

4969 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟର ବିଭିନ୍ନ ପଞ୍ଚାୟତସ୍ତରରେ ନଳକୂପ ମରାମତି, ରକ୍ଷଣାବେକ୍ଷଣା ଓ ପାନୀୟଜଳ ପ୍ରକଳ୍ପର ପମ୍ପ ଚଳାଇବା ପାଇଁ ନିୟୋଜିତ SEM ମାନଙ୍କୁ ସେମାନଙ୍କର ଦୈନିକ ମଜୁରୀ ସର୍ବନିମ୍ନ ଓ ସର୍ବାଧିକ ସରକାର ସ୍ତରରେ କେତେ ଧାର୍ଯ୍ୟ କରାଯାଇଛି ଜଣାଇବା ସହ ସେମାନଙ୍କ ମଜୁରୀକୁ ପ୍ରତିମାସରେ ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି ? ଯେଉଁ ପଞ୍ଚାୟତଗୁଡିକରେ ପାନୀୟ ଜଳପ୍ରକଳ୍ପ ଚଲାଇବା ପାଇଁ ଜଣେ ଲେଖାଏଁ ପମ୍ପଚାଳକ ନିଯୁକ୍ତ ହୋଇଛନ୍ତି, କେତେକ କ୍ଷେତ୍ରରେ ଆଉ ଜଣେ ଲେଖାଏଁ ପମ୍ପଚାଳକ ନିତ୍ୟାନ୍ତ ଆବଶ୍ୟକ ହେଉଛନ୍ତି, ତେଣୁ ସେହି ପଞ୍ଚାୟତଗୁଡିକରେ ବିଭାଗ ତରଫରୁ ପମ୍ପଗୁଳକ ନିଯୁକ୍ତି ପାଇଁ ପଦକ୍ଷେପ ନେବେ କି ?

----

## କାଠ ଚୋରା ଚାଲାଣ

4970 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) ରାଜ୍ୟରେ କେଉଁ ବନଖଣ୍ଡ ଅଧୀନରେ କେତୋଟି କରତକଳ ଲାଇସେନ୍ସପ୍ରାପ୍ତ ଓ କେତୋଟି ବେଆଇନ ଭାବେ କେଉଁ ଜିଲ୍ଲାର କେଉଁ ଅଞ୍ଚଳରେ ଚାଲୁଅଛି ଏବଂ ତନ୍ମଧ୍ୟରୁ କେତୋଟି କରତକଳ ଉପରେ ଚଢ଼ାଉ ହୋଇ ବିଭାଗପକ୍ଷରୁ କେଉଁମାନଙ୍କ ନାମରେ କେଶ୍ ହୋଇଛି ଓ କ'ଣ ସବୁ seize ହୋଇଅଛି, ତାର ଏକ ତାଲିକା ଦେବାସହ କେଉଁମାନଙ୍କ ଉପରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ଚୋରା କରତକଳ ବନ୍ଦ ପାଇଁ ବିଭାଗପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ଜଣାଇବେ କି, (ଖ) ୨୦୧୯-୨୦୨୪ ବର୍ଷ ମଧ୍ୟରେ କେଉଁ ବନଖଣ୍ଡ ଅଧିନରେ କି କି ଦାମୀ ଗଛକଟା ଯାଇ ଚୋରା ଚାଲାଣ ବେଳେ ଧରାପଡିଛନ୍ତି, କେଉଁମାନଙ୍କ ନାମରେ ବିଭାଗପକ୍ଷରୁ କେତୋଟି ମାମଲା ରୁଜୁ ହୋଇଛି ତାହାର ସମସ୍ତ ବିବରଣୀ ପ୍ରଦାନ କରିବେ କି ?

----

## ତାଳଗଛ ରୋପଣ

**4971 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଜୁଳି ଓ ଘଡଘଡିରୁ ଜନଜୀବନ ରକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ରାଜ୍ୟରେ ଚଳିତ ବର୍ଷ କେଉଁ ଜିଲ୍ଲାରେ ଅଦ୍ୟାବଧି କେତେ ସଂଖ୍ୟକ ତାଳଗଛ ରୋପଣ କରାଯାଇଅଛି ଏବଂ ଏହି ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ତାହାର ଜିଲ୍ଲାୱାରୀ ଓ ବନଖଣ୍ଡୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି, (ଖ) ଆଠଗଡ଼ ବନଖଣ୍ଡ ଅଧିନସ୍ଥ କେଉଁ ଗ୍ରାମରେ କେଉଁ ସ୍ଥାନରେ କେତେଗୋଟି ତାଳଗଛ ରୋପଣ କରାଯାଇଛି ଏବଂ କେଉଁ ସଂସ୍ଥାଦ୍ୱାରା ଏହା କରାଯାଇଛି ତାହାର ରେଞ୍ଜୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ନୂତନ ୱାଚ୍ ଟାୱାର ନିର୍ମାଣ

**4972 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠଗଡ଼ ଓ କଟକ ବନଖଣ୍ଡ ଅଞ୍ଚଳରେ ଜୀବଜନ୍ତୁମାନଙ୍କ ଗତିପଥକୁ ଅନୁଧ୍ୟାନ ପାଇଁ କେଉଁଠାରେ କେତୋଟି Watch Tower, କେତେ ଅର୍ଥ ବ୍ୟୟରେ କେବେଠାରୁ ନିର୍ମିତ ହୋଇଛି ଏବଂ ଚଳିତ ବର୍ଷ କେଉଁ ସ୍ଥାନରେ କେତୋଟି ନୂତନ ୱାଚ୍ ଟାୱାର ନିର୍ମାଣ ପାଇଁ ପ୍ରସ୍ତାବ ଅଛି ତାର ରେଞ୍ଜୱାରୀ ତାଲିକା ପ୍ରଦାନ କରିବେ କି ?

----

## ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ବିବରଣୀ ପ୍ରଦାନ

**4973 ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ଅଭୟାରଣ୍ୟ ରହିଛି, ସେହି ଅଭୟାରଣ୍ୟରେ କେଉଁ କେଉଁ ପ୍ରକାର ଜୀବଜନ୍ତୁ ରହିଛନ୍ତି, ଗତ 2013 ରୁ 2023 ମଧ୍ୟରେ ହାତୀ ଆକ୍ରମଣରେ କେତେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି ଓ କେତେ ହାତୀ ଶିକାରୀଙ୍କ ଦ୍ୱାରା ବା ଅନ୍ୟ କୌଣସି କାରଣରୁ ମୃତ୍ୟୁବରଣ କରିଛନ୍ତି ?

----

## ପାନୀୟ ଜଳ ପ୍ରକଳ୍ପ

**4974 ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାର କେଉଁ ବ୍ଲକରେ କେଉଁ କେଉଁ ପାଇପ୍ ପାନୀୟ ଜଳ ପ୍ରକଳ୍ପ କରାଯାଉଛି, ଏହିସବୁ ପ୍ରକଳ୍ପ ପାଇଁ କେଉଁ କେଉଁ କମ୍ପାନୀକୁ କେତେ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା, କେଉଁ କେଉଁ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଛି ଓ କେଉଁ କେଉଁ ପ୍ରକଳ୍ପ ନିର୍ମାଣାଧୀନ ରହିଛି, ନିର୍ମାଣ ପାଇଁ ଧାର୍ଯ୍ୟ ଅବଧି ସରି ଯାଇଥଲେ ବି କେଉଁ କେଉଁ କମ୍ପାନୀ ପ୍ରକଳ୍ପ କାର୍ଯ୍ୟ ସାରିପାରିନାହାନ୍ତି ?

----

## କଟା ଯାଇଥିବା ଗଛ ସମ୍ବନ୍ଧରେ ବିବରଣୀ

**4975 ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୨୦୦୦ ମସିହାରେ କେତେ ଜଙ୍ଗଲ ଥିଲା, ଏବେ କେତେ ଜଙ୍ଗଲ ରହିଛି, କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ପରିମାଣର ଜଙ୍ଗଲ ଜମି ବ୍ୟବହାର କରାଯାଇଛି, କେତେ ଗଛ କଟାଯାଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ନୂଆଏନଏସି ଓ ପୌର ପରିଷଦ

**4976 ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ନୂତନ ଏନଏସି ଓ ପୌର ପରିଷଦ ଗଠନ ପାଇଁ ସରକାର ଘୋଷଣା କରିଛନ୍ତି, ଏନେଇ ବିଭାଗ ପକ୍ଷରୁ କି କି ପଦକ୍ଷେପ ନିଆଯାଇଛି, କେବେସୁଦ୍ଧା ନୂଆ ଏନଏସି ଓ ପୌର ପରିଷଦ କାର୍ଯ୍ୟକ୍ଷମ ହେବବୋଲି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

----

## କୃଷ୍ଣ ସାଗର ମୃଗର ସୁରକ୍ଷା

**4977 ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲା ଘୁମୁସରା ଅଞ୍ଚଳରେ ଥିବା ବିରଳ କୃଷ୍ଣସାର ମୃଗ ଭାରତ ପ୍ରସିଦ୍ଧ, ଉକ୍ତ କୃଷ୍ଣସାର ମୃଗର ସୁରକ୍ଷା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ?

----

## ପିଇବା ପାଣି ଅଭାବ ଦୂର କରିବା ପାଇଁ ପଦକ୍ଷେପ

**4978 ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୋରଡା ନିର୍ବାଚନ ମଣ୍ଡଳୀର ସୋରଡା ବ୍ଲକ ଅନ୍ତର୍ଗତ ୧୦ଟି ପଞ୍ଚାୟତ ଯଥା-ବଡଗଡ, ମେରିକୋଟ, ଗଉଡଗୋଠ, ବୋରବା, ଗାଲେବାଡି ଓ ଗୋଛା ପଞ୍ଚାୟତଗୁଡିକ Red Zone Area ଭିତରେ ଆସୁଥିବା ଏବଂ ଏଠାରେ ଭୂତଳ ଜଳସ୍ତର ବହୁତଳେ ଥିବାରୁ ବା କେତେକ ଯାଗାରେ ଭୂତଳ ଜଳ ଆଦୌ ନ ଥିବାରୁ ସେଠାରେ ପିଇବା ପାଣିର ଘୋର ଅଭାବର ମୁକାବିଲା କରିବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ଏବଂ ଉକ୍ତ ପଞ୍ଚାୟତମାନଙ୍କରେ ଲୋକମାନଙ୍କୁ ପିଇବା ପାଣି ଯୋଗାଇବା ପାଇଁ ନିକଟରେ ଥିବା ନଦୀ, ନାଳ ଉପରେ Mega Water Project କରିବା ପାଇଁ ପଦକ୍ଷେପ ନେବେ କି ?

----

## ସୋରଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ସଡକ ଯୋଜନା

4979 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ସଡକ ଯୋଜନାରେ ସୋରଡା ବ୍ଲକର କେଉଁ କେଉଁ ଗ୍ରାମକୁ ନିଆଯାଇଛି, ଉକ୍ତ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏ ଅଞ୍ଚଳର ରାସ୍ତାଘାଟ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବେ କି ?

----

## ସୋରଡା ବ୍ଲକରେ ଜଳ ସମସ୍ୟା ସମାଧାନ

4980 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୋରଡା ନିର୍ବାଚନ ମଣ୍ଡଳୀର ସୋରଡା ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ଏଠାରେ ପାନୀୟ ଜଳର ସମସ୍ୟା ଅତି ଜଟିଳ, ତେଣୁ ଉକ୍ତ ଅଞ୍ଚଳରେ ପାନୀୟ ଜଳର ସମସ୍ୟାକୁ ସମାଧାନ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବେ କି ?

----

## ରେମୁଣାରେ PMAGY ରାସ୍ତା କାମ

4981 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଟାଟା ଫେରୋ କାରଖାନା ଯୋଗୁ ପରିବେଶ ଦୂଷିତ

4982 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱରରେ ଅବସ୍ଥିତ ଟାଟା ଫେରୋ (FFP) କାରଖାନାରେ ଅତ୍ୟଧିକ ବାୟୁ ପ୍ରଦୂଷଣ ହେଉଥିବାର ଅଭିଯୋଗ ବାରମ୍ବାର ହେଉଛି ତାହାର ସତ୍ୟାସତ୍ୟ କଣ, ଉକ୍ତ କାରଖାନାରୁ ଦୂଷିତ ବାଷ୍ପ ନିଷ୍କାସିତ ହେଉଥିବାରୁ ଉକ୍ତ କାରଖାନାର ଚିମିନି ଉଚ୍ଚତା ପରିବେଶ ନିୟମ ଅନୁଯାୟୀ ଅଛି କି, କାରଖାନା ପରିବେଶ ମାନ୍ୟତା ନିୟମାବଳୀକୁ ପାଳନ କରୁଛି କି ?

----

## ରେମୁଣା ବିଜ୍ଞାପିତ ପରିଷଦରେ ଥିବା ଷ୍ଟାଫଙ୍କ ସଂଖ୍ୟା

4983 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରେମୁଣା ବିଜ୍ଞାପିତ ପରିଷଦ ରେ କେତେଜଣ ରେଗୁଲାର ଷ୍ଟାଫ ଏବଂ କେତେ କଣ PMU ଷ୍ଟାଫ ଅଛନ୍ତି, ସେମାନଙ୍କର କାମ କଣ, (ଖ) ଗତ ସରକାର ଘୋଷଣା କରିଥିବା ନୂତନ ବିଜ୍ଞାପିତ ପରିଷଦ ଗୁଡ଼ିକ ମଧ୍ୟରୁ କେତୋଟି ନିୟମ ଅନୁଯାୟୀ ଯୋଗ୍ୟ ଏବଂ ସେଗୁଡ଼ିକ କେବେଠୁ କାର୍ଯ୍ୟକାରୀ ହେବ ?

----

## ବାସଗୃହ ଯୋଗାଣ

4984 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ Housing Board ତରଫରୁ ନିମ୍ନ ଆୟ ବର୍ଗର ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ Affordable ଦରରେ ବାସଗୃହ ଯୋଗାଇବା ପାଇଁ କିଛି ବ୍ୟବସ୍ଥା କରାଯାଇଛି କି, ଆଗକୁ ଏହି ବର୍ଗର ଲୋକଙ୍କ ପାଇଁ ଘର ନିର୍ମାଣ କରି ଦେବା ପାଇଁ କିଛି ଯୋଜନା ଅଛି କି ?

----

## ଉଦ୍ୟୋଗର ଘରୋଇ କରଣ

4985 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଲାଭ କରୁଥିବା ଉଦ୍ୟୋଗ ଗୁଡିକର ଘରୋଇ କରଣ କରିବାର କିଛି ଯୋଜନା ଅଛି କି, ଯଦି ହଁ ତେବେ କେଉଁ କେଉଁ ଉଦ୍ୟୋଗ ଗୁଡିକର ଘରୋଇକରଣ ହୋଇପାରିବାର ସମ୍ଭାବନା ଅଧିକ, ସେହିପରି କ୍ଷତିରେ ଚାଲୁଥିବା ଉଦ୍ୟୋଗ ଗୁଡିକର କର୍ମଚାରୀଙ୍କ ପାଇଁ VRS ଯୋଜନା କରିବା ପାଇଁ କିଛି ପ୍ରସ୍ତାବ ଅଛି କି ?

----

## ଶ୍ରମିକଙ୍କ ସୁରକ୍ଷା

4986 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- The interstate migrart workmen (Regulation of employment and condition of service Act 1979) ର କାର୍ଯ୍ୟକାରୀତା କେମିତି ଢଙ୍ଗରେ ଚାଲିଛି, ଶ୍ରମିକମାନଙ୍କୁ ଉଚିତ୍ ମଜୁରୀ ମିଳୁନି, ଜବରଦସ୍ତ ଅଧିକ ସମୟ ଖଟାଉଛନ୍ତି, ଅକଥନୀୟ ନିର୍ଯ୍ୟାତନା ଦେଉଛନ୍ତି, ନିଯୁକ୍ତି ଦାତା ମାନେ ଏସବୁ ବିଷୟରେ ସରକାର ଜାଣନ୍ତି କି, ବାହାର ରାଜ୍ୟରେ ନିଯୁକ୍ତି ଦାତା ଆଇନ ଖିଲାପ କଲେ ଓଡିଶା ସରକାର କିଛି କରିବାର କ୍ଷମତା ଅଛି କି, ଇଟାଭାଟି ଓ ପଥର ଖାଦାନରେ କାମ କରୁଥିବା ଶ୍ରମିକମାନେ ବାରମ୍ଵାର ଅମାନବୀୟ ଯନ୍ତ୍ରଣାର ଶିକାର ହୁଅନ୍ତି ଏବଂ ମୃତ୍ୟୁମୁଖରେ ପଡନ୍ତି ଏ ବିଷୟରେ ସରକାର କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## SAGଙ୍କ ନିଯୁକ୍ତି

4987 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୁରୀ ପୌର ସଂସ୍ଥା 2023-2024 ବର୍ଷ ନିମନ୍ତେ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପୁରୀ ସହରରେ 32 ଗୋଟି ୱାର୍ଡର ଅଫିସ ପରିଚାଳନା ନିମନ୍ତେ ଏକ Expression of interest ପ୍ରକାଶିତ କରିଥିଲେ ଯେଉଁଥିରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଭାଗ ନେଇଥିଲେ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଚିଠି ନଂ2245, 31.01.23 ତାରିଖ ବଳରେ Selection Committee ସମସ୍ତ 32 ୱାର୍ଡ ପାଇଁ ବିଭିନ୍ନ ଗୋଷ୍ଠୀମାନଙ୍କୁ ଚୟନକରି ବିଭିନ୍ନ ୱାର୍ଡର ଦାୟିତ୍ୱ ଦେଇଥିଲେ ପୁରୀ ମୁନିସିପାଲିଟିର ଚିଠି ନଂ 2304 ଜରିଆରେ 18.03.23 ତାରିଖରେ ଏକ office order ପ୍ରକାଶିତ କରିଥିଲେ କିନ୍ତୁ ଏହାପରେ ଉକ୍ତ SAG ମାନେ ପରବର୍ତ୍ତୀ କାର୍ଯ୍ୟପାଇଁ ଅପେକ୍ଷାରେ ଅଛନ୍ତି ଓ ସେମାନଙ୍କର ନିଯୁକ୍ତି ପାଇଁ ଅନାଇ ବସିଛନ୍ତି ସରକାର କେବେସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବେ ?

----

## ଦାଦନ ସମସ୍ୟାର ସମାଧାନ

4988 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେଉଁ କାରଣ ପାଇଁ ଓଡିଶାର ଲୋକମାନେ ରୋଜଗାର କରିବାପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ସେହି କାରଣ ଖୋଜି ନିରାକରଣ କରି ଓଡିଶାରେ ରୋଜଗାର ଦେବା ପାଇଁ ସରକାର ବ୍ୟବସ୍ଥା କରିବେ କି, ସେହିଭଳି କେନ୍ଦୁପତ୍ର ତୋଳାଳୀ, ଶାଳପତ୍ରରେ କାମ କରୁଥିବା ଲୋକମାନଙ୍କୁ ସଠିକ ଭାବେ ସେମାନଙ୍କ ପ୍ରାପ୍ୟ ଦେବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## କ୍ଷତିରେ ଚାଲୁଥିବା ଉଦ୍ୟୋଗ

4989 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଲାଭ କରୁଥିବା ଉଦ୍ୟୋଗ ଗୁଡିକରୁ ଲାଭାଂଶରୁ କିଛି ପ୍ରତିଶତ ଅର୍ଥ କ୍ଷତିରେ ଚାଲୁଥିବା ଉଦ୍ୟୋଗ ଗୁଡିକର ବିକାଶ ପାଇଁ ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ସହର ଆଲୋକି କରଣ

4990 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ କେଉଁ ସହରରେ ଆଲୋକିକରଣ କରିବାକୁ China Light ଲଗାଯାଇଛି କେତେ ଟଙ୍କା ଖର୍ଚ୍ଚ ହୋଇଛି China Light ଗୁଡିକ ଖୁବ୍ ଶ୍ରୀଘ୍ର ଅଳ୍ପ ଦିନ ଭିତରେ ଖରାପ ହୋଇଯାଉଥିବାରୁ ଆଉ ସେହି ଲାଇଟ୍ ନ କିଣିବାକୁ ଓ ଦିଆଯାଇଥିବା Tender Cancel କରିବାକୁ ପଦକ୍ଷେପ ନେବେ କି ?

----

## ଚଣ୍ଡିଖୋଲ ପର୍ଯ୍ୟନ୍ତ ମୋ ବସ ସେବା ସମ୍ପ୍ରସାରଣ

4991 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ଓ କଟକରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ମୋ ବସ ସେବା ସଂପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## କାର୍ଯ୍ୟରତ ରେଞ୍ଜରଙ୍କ ସଂଖ୍ୟା

4992 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ବନ ବିଭାଗରେ ଅଗଷ୍ଟ 20, 2024 ସୁଦ୍ଧା କେଉଁ ବର୍ଗ (SC/ST/UR) କେତେ ଜଣ ରେଞ୍ଜର କେଉଁ ଷ୍ଟେସନରେ କାର୍ଯ୍ୟରତ ଅଛନ୍ତି ତାହାର ତଥ୍ୟ ଦେବେ କି, ରେଞ୍ଜର କ୍ୟାଡର ମଧ୍ୟରୁ ବର୍ତ୍ତମାନ ପଦୋନ୍ନତି କୋଟାରେ ଖାଲି ପଦ କେତେ ଅଛି ?

----

## ଅଗ୍ନିକାଣ୍ଡ ଘଟି ନଷ୍ଟ ହୋଇଥିବା ଜଙ୍ଗଲର ପରିମାଣ

4993 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନିବର୍ଷରେ ବଡଚଣା ନିର୍ବାଚନ ମଣ୍ଡଳୀ ସହ ଯାଜପୁର ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି କେତେ ଜଙ୍ଗଲ ନଷ୍ଟ ହୋଇଛି ପ୍ରକାଶ କରି ଜିଲ୍ଲାରେ ଅଗ୍ନିନିର୍ବାପନ ସୁରକ୍ଷା ବ୍ୟବସ୍ଥା ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ଅମୃତ ସରବର ମଧ୍ୟରେ ପୋଖରୀ ଖନନ

4994 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଜଙ୍ଗଲ ଜନ୍ତୁ ପାଣି ପିଇବା ପାଇଁ "ଅମୃତ ସରବର" ମାଧ୍ୟମରେ ପୋଖରୀ ଖନନ ଓ ହାତୀମାନଙ୍କ ଉପଦ୍ରବରୁ State Boundary ପାଇଁ କପ୍ତିପଦା ବ୍ଲକର ମନଭଙ୍ଗା ଡୁମାଡାହିଁ ଓ କୁଳିଅଣା G.P. ର ପଣ୍ଡେସାହି ନଛିପୁର, ଓ ହଳଦିପସା ସାଗୁଆନବାଡି ଏବଂ ଦେବଳା G.P. ର ହରିଡାଚୁଆ, ଉଦଳାବ୍ଲକ୍ ର ବଡକଲାଡି G.P. ର ଅନନ୍ତପୁର, ନୂଆଗାଁ G.P. ର ଜାମୁଜିହା ଓ ପାଟଶାଣିପୁର G.P. ର ବାଶିକୁଣ୍ଡଳା ଠାରେ ସ୍ଥାପନ ପାଇଁ ବ୍ୟବସ୍ଥା କରିବେ କି ?

----

## Reserve Forest ରେ ଥିବା ରାସ୍ତା ମରାମତି

4995 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଉଦଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ M.D.R 70 ରୋଡ ର ନିର୍ଦ୍ଦିଷ୍ଟ ସୀମା ଡଙ୍ଗାଡିହା ଠାରୁ ମନଭଙ୍ଗା via ବାଝି କୁସୁମ Reserve Forest ଥିବା କାରଣରୁ ଉକ୍ତ ରାସ୍ତାଟି ବ୍ରିଟିସ ଅମଳର ରାସ୍ତା ସର୍ବସାଧାରଣଙ୍କ ନିମନ୍ତେ ଥିବାରୁ ଉକ୍ତ ରସ୍ତାଟିକୁ ମରାମତି କରି ଜନସାଧାରଣ ଗମନାଗମନ ପାଇଁ ବ୍ୟବସ୍ଥା କରିବେ କି ?

----

## ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

4996 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଶ୍ରମ ବିଭାଗର କିଛି ଅଧିକାରୀ ଦୂର୍ନୀତି କରି କୋର୍ଟ ରୁ ବେଲରେ ଆସି ସେମାନଙ୍କ କେଶ ବିଚାରାଧୀନ ଥିବା ବେଳେ ସେମାନେ ପଦୋନ୍ନତି ପାଇ 2 ଟି ଜିଲ୍ଲା /ମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିବା ସରକାର ଜାଣନ୍ତି କି, ଯଦି ହଁ ତେବେ ଏହି ଦୁର୍ନୀତି ଖୋର ଆରୋପି ଅଧିକାରୀ ଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ କୁ ସଂକୁଚିତ କରିବେ କି ?

----

## କର୍ମଚାରୀ ବଦଳି

4997 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଶ୍ରମ ବିଭାଗ ଓ ଶ୍ରମ ନିର୍ଦ୍ଦେଶାଳୟ ର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଫିସ୍ ମାନଙ୍କରେ ଗୋଟିଏ ସ୍ଥାନରେ 3 ବର୍ଷରୁ ଉର୍ଦ୍ଧ ସମୟ ଧରି କର୍ମଚାରୀ ଓ ଅଧିକାରୀ ମାନେ କାର୍ଯ୍ୟ କରି ଆସୁଥିବା ସରକାର ଜାଣନ୍ତି କି, ଯଦି ହଁ ତେବେ ସେମାନଙ୍କ ନାମ, ପଦବୀ ଓ କାର୍ଯ୍ୟାଳୟର ଏକ ତାଲିକା ଦେବା ସହିତ ସରକାରଙ୍କ 3 ବର୍ଷିଆ ବଦଳି ନିୟମ କେବେ ଲାଗୁ କରିବେ ?

----

## ସିମୁଳିଆ NAC କାର୍ଯ୍ୟକ୍ଷମ

4998 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସିମୁଳିଆକୁ NAC ଘୋଷଣା କରାଯାଇଛି, ଯଦି ହଁ ହୁଏ ତାହାଲେ କେବେଠାରୁ କାର୍ଯ୍ୟକାରୀ କରିବେ ?

----

## Smart Village ଘୋଷଣା

4999 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ବ୍ଲକ ଅଧିନସ୍ଥ ଚାଲୁଣିଗାଁ ପଞ୍ଚାୟତର କନ୍ହେଇବାଙ୍କ, ମଙ୍ଗରାଜପୁର, ବାଈଁଶବାଟୀ 3ଟି ରାଜସ୍ୱ ଗ୍ରାମକୁ ମୁଖ୍ୟମନ୍ତ୍ରୀ ପୌଷ୍ୟଗ୍ରାମ୍ୟ କିମ୍ଵା Smart Village ଭାବରେ ପରିଗଣିତ କରିବେ କି ?

----

## Free hold କରିବା ପାଇଁ ପଦକ୍ଷେପ

5000 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Rourkela ରେ ଥିବା ବାସନ୍ତୀ Colony ଠାରେ ଥିବା ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ନିଜସ୍ୱ କାର୍ଯ୍ୟାଳୟ କେବେସୁଦ୍ଧା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ, Rourkela ରେ 4ଟି ପ୍ରକଳ୍ପକୁ free hold କରିବା ପାଇଁ କି ପଦକ୍ଷେପ ନିଆଯାଉଛି, ଏହା କେବେସୁଦ୍ଧା କାର୍ଯ୍ୟକ୍ଷମ ହେବ ?

----

## ବହୁତଳ ଗୃହ ନିର୍ମାଣ

5001 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Rourkela ବାସନ୍ତୀ କଲୋନୀରେ ଥିବା 2ଟି ଖାଲି Plot ରେ ବହୁତଳ ଗୃହ ନିର୍ମାଣ ପାଇଁ ସରକାର ଯୋଜନା କରୁଛନ୍ତି କି, ଏହାର କାମ କେବେ ସମ୍ପୂର୍ଣ୍ଣ ହେବ କହିବେ କି ?

----

## Refund of Money

5002 **Shri Nalini Kanta Pradhan (Athamallik):**

Will the Minister for **Panchayati Raj & Drinking Water** be pleased to state that:-:- How much amount has been parked in different Blocks of this State under BRGF, GGY and SC & ST Schemes and since when, whether specific direction has been made by the Govt. to refund the said amount, if the answer is 'Yes', then which are the Blocks who have violated the direction and what steps has been taken for such violation, Is the Block Authority or the District Authority is competent to spend the said amount by passing a new resolution in the Block meeting ?

----

## Forest Check Gates ସ୍ଥାପନ

5003 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବନ ବିଭାଗରେ ବର୍ତ୍ତମାନ ବନ୍ୟ ଦ୍ରବ୍ୟ ପରିବହନ ଓ ଚୋରୀ ଅବାଧରେ କରାଯାଉଥିବା ବେଳେ ସମସ୍ତ Forest Check gate ଉଠାଇ ଦେବାର କାରଣ କ'ଣ, ଅନ୍ତତଃ ମୁଖ୍ୟ ରାସ୍ତା ଗୁଡିକରେ Forest Check Post କରି ବନ ଦ୍ରବ୍ୟ ପରିବହନ ଓ ଚୋରାଚାଲାଣ ତନଖି କରିବାରେ ବ୍ୟବସ୍ଥା ପୁନର୍ବାର କରିବେ କି ?

----

## ଗୋପାଳପୁର ପୋର୍ଟରେ ଶ୍ରମିକ କର୍ମଚାରୀଙ୍କ ସଂଖ୍ୟା

5004 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଗୋପାଳପୁର ପୋର୍ଟରେ ମୋଟ ଶ୍ରମିକ କର୍ମଚାରୀ ସଂଖ୍ୟା କେତେ, ଏହା 2009 ବର୍ଷ କେତେ ଥିଲା, କମିଥିବା କାରଣ କ'ଣ, left out ଶ୍ରମିକ କେବେ କାମରେ ଯୋଗଦେବେ, 2009 ରେ କେତେ ଶ୍ରମିକଙ୍କ P.F. କଟାଯାଇଛି, ବର୍ତ୍ତମାନ 2022 ଓ 2023 କେତେଜଣ ଶ୍ରମିକ ଓ କର୍ମଚାରୀଙ୍କ ପି.ଏଫ୍. କଟାଯାଇଛି ; (ଖ) ଗୋପାଳପୁର (ଗଞ୍ଜାମ) ଟାଟା ପ୍ରୋଜେକ୍ଟ ମଧ୍ୟରେ କେତେଗୋଟି ପ୍ଲାଣ୍ଟ ଚାଲିଛି, ସେଗୁଡିକ କ'ଣ ସବୁ ଉତ୍ପାଦନ ଗତ ଦୁଇବର୍ଷ (2022-23) ହେଲା କରିଛନ୍ତି, ଉକ୍ତ ପ୍ଲାଣ୍ଟରେ ନିଯୁକ୍ତି ପାଇଥିବା ଶ୍ରମିକଙ୍କ ସଂଖ୍ୟା ଏବଂ ସେଥିମଧ୍ୟରେ ବାହାର ଜିଲ୍ଲାର ଶ୍ରମିକ ସଂଖ୍ୟା କେତେ, କେତେଜଣ ଶ୍ରମିକଙ୍କ P.F. 2023 ଓ 2024 ରେ ପୈଠ କରାଯାଇଛି ଏବଂ ଟାଟା କମ୍ପାନୀରେ ଶ୍ରମିକଙ୍କ ସୁରକ୍ଷା ପାଇଁ କି ବ୍ୟବସ୍ଥା କରାଯାଇଛି ?

----

## ନୂତନ ଜଙ୍ଗଲ ସୃଷ୍ଟି

5005 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଗତ ବର୍ଷ କେଉଁ କେଉଁ ବ୍ଲକରେ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ କେତେ Hector ଜମିରେ କେତେ ଚାରା ରୋପଣ କରାଯାଉଛି, ଏହାର ସଂକ୍ଷିପ୍ତ ତାଲିକା ପ୍ରଦାନ କରିବେ କି, ଏବଂ ଚଳିତ ବର୍ଷ ଆଉ କେତେ ପରିମାଣରେ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ?

----

## Plantation in Parlakhemundi

5006 **Shri Rupesh Kumar Panigrahi (Paralakhemundi):**

Will the Minister for **Forest, Environment and Climate Change** be pleased to state that:-:- How many Mission Shakti worker have planted trees in Parlakhemundi Constituency and how many saplings provided by the Forest Deptt. to those trees ?

----

## କ୍ଷୟ କ୍ଷତିର ବିବରଣୀ

5007 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ମାସ କ୍ରମାଗତ ବର୍ଷା ଫଳରେ ଜଳେଶ୍ୱର ମ୍ୟୁନିସିପାଲଟି ସବୁ ଜଳାର୍ଣ୍ଣବ ହୋଇଥିବା, କେତେକ ବାସଗୃହ ଜଳବନ୍ଦି ମଧ୍ୟରେ ଥିବା ଓ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ସରକାର ଅବଗତି ଅଛନ୍ତି କି, ଉତ୍ତର 'ହଁ' ହେଲେ କ୍ଷୟକ୍ଷତିର ବିବରଣୀ ସଂଗ୍ରହ କରାଯାଇ Restoration କାର୍ଯ୍ୟ କରିବାକୁ ସରକାର ନିର୍ଦ୍ଦେଶ ଦେବେ କି, ତଥା SRC ଙ୍କୁ ଆର୍ଥିକ ସହାୟତା ମଞ୍ଜୁର ସକାଶେ ଅବଗତ କରାଇବେ କି ?

----

## ଅର୍ଥ ଫେରସ୍ତ ପାଇଁ ପଦକ୍ଷେପ

5008 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ତା. 20.୦୪.2024 ରିଖର ଅଣତାରକା ପ୍ରଶ୍ନ ସଂଖ୍ୟା 1223 ଉତ୍ତର ପରିପ୍ରେକ୍ଷୀରେ ୧୯୯୧ ମସିହାରେ ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସରେ ଯେଉଁ ହିତାଧିକାରୀମାନେ EMD ପଇସା ଫେରସ୍ତ ପାଇଁ ଆବେଦନ କରିଥିଲେ ସେମାନେ BDA କାର୍ଯ୍ୟାଳୟରେ କେତେ ତାରିଖରେ ଆବେଦନ କରିଥିଲେ, କେତେ ଅର୍ଥ EMD ଥିଲା ଏବଂ ସେମାନଙ୍କୁ ୫% ବାର୍ଷିକ ସୁଧ ହାରରେ କେତେ ଅର୍ଥ କେଉଁ ତାରିଖରେ, କେଉଁ ପ୍ରକାରରେ ଅର୍ଥ ଫେରସ୍ତ କରାଯାଇଅଛି, ତାହାର ସମସ୍ତ ତଥ୍ୟ ପ୍ରଦାନ କରିବେ କି ?

----

## ଝୁଲନ୍ତା ପୋଲ ନିର୍ମାଣ

5009 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲା କେଶିଙ୍ଗା ଅନ୍ତର୍ଗତ ବେଲଖଣ୍ଡି ଶୈବପିଠ ଏକ ପର୍ଯ୍ୟଟନ ସ୍ଥଳୀ ଅଟେ, ଏଠାରେ ଥିବା ଉତେଇ ନଦୀ ଉପରେ ଏକ ଝୁଲନ୍ତା ପୋଲ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଅଞ୍ଚଳର ଲୋକମାନେ ବାରମ୍ବାର ସରକାରଙ୍କୁ ଦାବୀ ଜଣାଇ ଆସୁଛନ୍ତି, ଏହି କ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ଅଟକଳ ପରିମାଣ ଟ.1500 ଲକ୍ଷ ନିର୍ଦ୍ଧାରିତ କରିଥିଲେ ଏହାର ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେବେ କି ?

----

## ରାସ୍ତା ଉଚ୍ଚ କରିବାକୁ ପଦକ୍ଷେପ

5010 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶିଶୁପାଳ ଗଡ ଖାରବେଳ ବିହାର ରୋଡ ନଂ-3 ଦେଇ ଯାଇଥିବା ରାସ୍ତାଟି ନିକଟରେ କଂକ୍ରିଟ ରୋଡ ହୋଇଛି, କିନ୍ତୁ ରାସ୍ତାଟି ଅନ୍ୟ ରୋଡ ଅପେକ୍ଷା ବହୁତ ନିଚା ହୋଇ ଯାଇଛି ଯାହା ଫଳରେ ପାଣି ଜମି ରହୁଛି ଓ ପାଣି ମଧ୍ୟ ଘରେ ପଶିଯାଉଛି ସମ୍ପୃକ୍ତ ଘରର ଅଧିବାସୀ ମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ଏହି ରାସ୍ତାଟିକୁ ଉଚ୍ଚ କରିବାପାଇଁ ପଦକ୍ଷେପ ନେବେ କି ?

----